

ଭଲ ବହି ପଢ଼ି ଭଲ କାମ କଲେ ଖରାପ
ଲୋକଟି ମଧ ଧୀରେ ଧୀରେ ଭଲ ହୋଇଯାଏ ।
- ଆରିଷ୍ଟଟଲ



# ନିଶ୍ଚିହ୍ନ ହେବ ଦ୍ୱାଦଶ ଶତାବ୍ଦୀର ଏମାର ମଠ

ପୁରୀ ଅଫିସ, ୨୮।୮

ଶ୍ରୀମନ୍ଦିରର ସୁରକ୍ଷା ଏବେ ଚ୍ୟାଲେଞ୍ଜ ହୋଇଛି। ଆତଙ୍କବାଦୀଙ୍କ ଟାର୍ଗେଟରେ ବଡ଼ଦେଉଳ ରହିଥିବା ନେଇ ଏକାଧିକଥର କେନ୍ଦ୍ର ଗୋଇନ୍ଦା ସଂସ୍ଥାରୁ ଚିଠି ଆସିବା ପରେ ଏଥର ଏହାକୁ ଗୁରୁତର ସହ ନେଇଛନ୍ତି ରାଜ୍ୟ ସରକାର। ଆଉ ମେଘନାଦ ପାଚେରିଠାରୁ ୭୫ ମିଟର ପରିଧି ମଧ୍ୟରେ ଥିବା ସମସ୍ତ ନିର୍ମାଣକୁ ଉଚ୍ଛେଦ କରିବା ଲାଗି ହୋଇଛି ନିଷ୍ପତ୍ତି। ପୁରୁଣା ଐତିହ୍ୟ ମଠ, ମନ୍ଦିରରେ ପୂଜା ପାଉଥିବା ଦେବଦେବୀଙ୍କ ବିଜେସ୍ଥଳୀକୁ ନ ଭାଙ୍ଗି ଅନ୍ୟ ସବୁ ପ୍ରକାର ନିର୍ମାଣ ଭାଙ୍ଗି ଦିଆଯିବ। ପୂର୍ବରୁ ଲଙ୍ଗୁଳି ମଠ ଭଙ୍ଗା ସରିଥିବାବେଳେ ଏବେ ବହୁ ପୁରାତନ ଏମାର ମଠ ଭଙ୍ଗାଯିବ। ଏହା ସହ ବ୍ରିଟିଶ ଅମଳର ରଘୁନନ୍ଦନ ଲାଇବ୍ରେରି ଭଙ୍ଗା କାର୍ଯ୍ୟ ଆରମ୍ଭ ହୋଇଛି। କିନ୍ତୁ ମଠରେ ପୂଜା ପାଉଥିବା ଦେବଦେବୀଙ୍କ ବିଜେସ୍ଥଳୀ ଭଙ୍ଗାଯିବ ନାହିଁ ବୋଲି ପ୍ରଶାସନ ନିଷ୍ପତ୍ତି ନେଇଛି। ତଥାପି ଏହି ପୁରାତନ ମଠ ଭାଙ୍ଗିବା ପୂର୍ବରୁ ନାନା ପ୍ରକାର ଚର୍ଚ୍ଚା ଚାଲିଥିବାରୁ ଏମାର ମଠ ସମ୍ପର୍କରେ ସଂକ୍ଷିପ୍ତ ଉପସ୍ଥାପନା।

## ମଠର ଥିଲା ୧୨ ହଜାର ଏକର ଭୂ-ସମ୍ପତ୍ତି



ଏମାର ମଠ ଭିତର ଝୁଲଣ କୁଞ୍ଜରେ ଥିବା ଠାକୁରଙ୍କ ପ୍ରତିମୂର୍ତ୍ତି।

ଏହି ମଠ ସମ୍ପର୍କରେ ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର କହିଛନ୍ତି, ଶ୍ରୀ ସମ୍ପ୍ରଦାୟର ଏହି ମଠ ଶ୍ରୀକ୍ଷେତ୍ରର ସବୁଠୁ ପୁରୁଣା ମଠଗୁଡିକ ମଧ୍ୟରୁ ଅନ୍ୟତମ। ପ୍ରଥମେ ଶ୍ରୀରାମାନୁଜାଚାର୍ଯ୍ୟ ଶ୍ରୀକ୍ଷେତ୍ର ଆସି ଏହିଠାରେ ଅବସ୍ଥାନ କରିଥିଲେ। ପ୍ରିୟଶିଷ୍ୟ ଗୋବିନ୍ଦଙ୍କୁ ସେ ପ୍ରଥମେ ଏହି ମଠର ମଠାଧୀଶ କରାଇଥିଲେ। ଏହି ମଠ ମୂଳରୁ ଶ୍ରୀରାଜଗୋପାଳାଚାର୍ଯ୍ୟ ମଠ ରୂପେ ପରିଚିତ ଥିଲା। କୁହାଯାଏ ଶ୍ରୀରାମାନୁଜାଚାର୍ଯ୍ୟଙ୍କୁ ମନ୍ନାଥ ଭାବେ ଶିଷ୍ୟମାନେ ସମ୍ବୋଧନ କରୁଥିବା ସେହି ଶବ୍ଦରୁ ଏମ୍ ଏବଂ ରାମାନୁଜ ଶବ୍ଦରୁ ଆର୍ ଉଦ୍ଧୃତ କରାଯାଇ ତାମିଲ ପରମ୍ପରାର ସଂକ୍ଷିପ୍ତ କରଣ ପ୍ରକ୍ରିୟାରେ ଏମ୍.ଆର. ଏବଂ କାଳକ୍ରମେ ତାହା ଏମାର ହୋଇଛି।

### ରୁପା ଇଟାକୁ ନେଇ ଚର୍ଚ୍ଚାକୁ ଆସିଥିଲା

୨୦୧୧ରେ ଏମାର ମଠରୁ ବାହାରିଥିଲା ୫୨୨ ଖଣ୍ଡ ରୁପା ଇଟା। ଏହା ସେତେବେଳେ କେବଳ ରାଜ୍ୟ ନୁହେଁ ଦେଶରେ ବି ଚର୍ଚ୍ଚାର ବିଷୟ ପାଲଟିଥିଲା। ଏହି ରୁପା ଇଟାର ଓଜନ ପ୍ରାୟ ୧୮ ଟନ୍‌ରୁ ଊର୍ଦ୍ଧ୍ୱ ଥିବାବେଳେ ଆନୁମାନିକ ମୂଲ୍ୟ ୮୦ରୁ ୯୦ କୋଟି ଟଙ୍କା ହେବା ବୋଲି ଆକଳନ କରାଯାଇଥିଲା। ବର୍ତ୍ତମାନ ସୁଦ୍ଧା ଏହି ରୁପା ଇଟାକୁ ନେଇ କୌଣସି ଫଇସଲା ହୋଇ ନ ଥିବା ବେଳେ ଏହା ପୋଲିସ ହେପାଜତରେ ରହିଛି। ଏତେ ପରିମାଣରେ ରୁପା ଇଟା କେଉଁଠୁ ଆସିଲା ତାହାକୁ ନେଇ ବିଭିନ୍ନ ପ୍ରକାର ମତ ଆସିଥିବା ବେଳେ ରୁପା ଇଟା ପାଇଁ ବେଶ୍ ଚର୍ଚ୍ଚାକୁ ଆସିଥିଲା ଏମାର ମଠ।

ମହନ୍ତ ଗଦାଧର ରାମାନୁଜ ଦାସଙ୍କ ସମୟରେ ମଠର ପ୍ରତିପତ୍ତି ଖୁବ୍ ବୃଦ୍ଧି ପାଇଥିଲା। ୧୯୨୧ରେ ସେ ହିଁ ତାଙ୍କ ଗୁରୁଙ୍କ ନାମରେ ରଘୁନନ୍ଦନ ପାଠାଗାର ପ୍ରତିଷ୍ଠା କରିଥିଲେ। ତେବେ ଏହି ମଠ ପରିସରରେ ଥିବା ମନ୍ଦିରରେ ଶ୍ରୀ ରଘୁନାଥ, ଶ୍ରୀ ପତିତପାବନ, ଲକ୍ଷ୍ମଣ, ସୀତା, ହନୁମାନ, ନୃସିଂହ ଓ ଶାଳଗ୍ରାମ ପୂଜା ପାଉଛନ୍ତି। ଶ୍ରୀରାମାନୁଜାଚାର୍ଯ୍ୟଙ୍କ ମୂର୍ତ୍ତି ବି ରହିଛି। ଶ୍ରୀମନ୍ଦିର ସହ ଏହି ମଠର ସମ୍ପର୍କ ବେଶ୍ ନିବିଡ଼। ଶ୍ରୀଗୁଣ୍ଡିଚା, ଚନ୍ଦନଯାତ୍ରା, ହେରାପଞ୍ଚମୀ, ନୀଳାଦ୍ରିବିଜେ, ଗହ୍ମାପୂର୍ଣ୍ଣିମା, ଦୋଳ ଉତ୍ସବ, ଶ୍ରୀରାମ ନବମୀ ପ୍ରଭୃତି ବର୍ଷର ଅନେକ ଦିନ ମଠ ପକ୍ଷରୁ ପନ୍ତି ଭୋଗ କରାଯାଏ। ଏହି ମଠକୁ ଗୁଣ୍ଡିଚା ମନ୍ଦିରରେ ସାମୟିକ ଭାବେ ପନ୍ତି ଚାଳି ନିର୍ମାଣ କରିବା ପାଇଁ ଅନୁମତି ଦିଆଯାଇଛି। ଶ୍ରୀମନ୍ଦିର ରୋଷରେ ମଠର ଚୁଲି ରହିଛି। ମଠ ମହନ୍ତଙ୍କର ରଥଯାତ୍ରା ଓ ବାହୁଡ଼ା ଯାତ୍ରା ସମୟରେ ଚାମର ଓ ଆଲଟ ସେବା କରିବାର ଅଧିକାର ଅଛି। କେବଳ ପୁରୀ ନୁହେଁ ଓଡ଼ିଶାର ସବୁଠୁ ଧନୀ ମଠ ଭାବେ ଏହାର ବେଶ୍ ନାଁ ରହିଥିଲା। ଏହି ମଠର ୧୨ ହଜାର ଏକର ଭୂ-ସମ୍ପତ୍ତି ବି ଥିଲା। ହେଲେ ବର୍ତ୍ତମାନ ମଠର ସ୍ଥିତି ଆଉ ଆଗଭଳି ନାହିଁ।

# ନୂଆ ରୂପ ନେବ ରଘୁନନ୍ଦନ ଲାଇବ୍ରେରି



ରଘୁନନ୍ଦନ ଲାଇବ୍ରେରିର ଆଲମାରୀ କ୍ରେନ୍ ସାହାଯ୍ୟରେ ସ୍ଥାନାନ୍ତର କରାଯାଉଛି।

ପୁରୀ ଅଫିସ, ୨୮।୮

- ବିଶ୍ୱସ୍ତରୀୟ ପାଠାଗାରରେ ପରିଣତ କରାଯିବ
- ଦୁର୍ମୂଲ୍ୟ ପୁସ୍ତକ ଓ ପୋଥିର ସଂରକ୍ଷଣ ହେବ
- ଭୂଅର୍ଜନ ସମ୍ମିଳନୀ କକ୍ଷରେ ଚାଲିବ ଅସ୍ଥାୟୀ ପାଠାଗାର

ନୂଆ ରୂପ ନେବ ରଘୁନନ୍ଦନ ଲାଇବ୍ରେରି। ଏହାକୁ ବିଶ୍ୱସ୍ତରୀୟ ପାଠାଗାରରେ ପରିଣତ କରାଯିବ। ଏଥିରେ ଥିବା ଦୁର୍ମୂଲ୍ୟ ପୁସ୍ତକ, ପୋଥି ଓ ବିଭିନ୍ନ ନଥିପତ୍ରର ସଂରକ୍ଷଣ ହେବ। ଏହି କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇଯାଇଛି। ବର୍ତ୍ତମାନ ଭୂଅର୍ଜନ ସମ୍ମିଳନୀ କକ୍ଷରେ ଅସ୍ଥାୟୀ ଭାବେ ପାଠାଗାର ଚାଲିବ ବୋଲି କହିଛନ୍ତି ଜିଲାପାଳ ବଳଵନ୍ତ ସିଂ। ବ୍ରିଟିଶ ଅମଳର ରଘୁନନ୍ଦନ ଲାଇବ୍ରେରି ଉଚ୍ଛେଦ ପରେ ଏହାର ଭବିଷ୍ୟତ କ'ଣ ହେବ, ଲିଭିଯିବ କି ଐତିହ୍ୟର ଏହି ସ୍ମାରକୀ? ଏମିତି ଖବର ପ୍ରକାଶ ପରେ ବୁଧବାର ଜିଲାପାଳ ଖବରଦାତା ସମ୍ମିଳନୀରେ ଏ ନେଇ ସ୍ପଷ୍ଟ କରିଛନ୍ତି।

ଜିଲାପାଳ କହିଛନ୍ତି, ଏମାର ମଠ ରଘୁନନ୍ଦନ ଲାଇବ୍ରେରିରେ ବହୁ ମୂଲ୍ୟବାନ ବିରଳ ପୁସ୍ତକ, ପୋଥି ଏବଂ ପାଣ୍ଡୁଲିପି ରହିଛି। ଏହିଭଳି ଦୁର୍ମୂଲ୍ୟ ପୁସ୍ତକ ହେଉଛି ଆମର ଜାତୀୟ ସମ୍ପତ୍ତି। ଏହାକୁ ସଂରକ୍ଷଣ କରାଯିବ। ରାଜ୍ୟ ସରକାର ମଧ୍ୟ ଏହାର ସଂରକ୍ଷଣ ପାଇଁ ତୁରନ୍ତ ପଦକ୍ଷେପ ନେଇ ସ୍ୱତନ୍ତ୍ର ଟିମ୍ ପଠାଇଛନ୍ତି। ଖଣ୍ଡିଏ ହେଲେ ବି ବହି ଯେପରି ନଷ୍ଟ ନ ହୁଏ ସେଥିପ୍ରତି ଗୁରୁତ୍ୱ ଦିଆଯାଉଛି। ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ଆଧୁନିକୀକରଣ କାମ ପରେ ରଘୁନନ୍ଦନ ଲାଇବ୍ରେରିକୁ ସେହି ଏମାର ମଠ ନିକଟରେ ରଖିବା ଲାଗି ରାଜ୍ୟ ସରକାରଙ୍କୁ ଅନୁରୋଧ କରାଯିବ। ବର୍ତ୍ତମାନ ପାଠାଗାର ଅସୁରକ୍ଷିତ କୋଠାରେ ଥିବାରୁ ଏହାର ସବୁ ପୁସ୍ତକ, ପୋଥି ଏବଂ ଆସବାବପତ୍ର ଭୂଅର୍ଜନ ସମ୍ମିଳନୀ କକ୍ଷକୁ ସ୍ଥାନାନ୍ତର କରାଯାଇଛି। ରାଜ୍ୟ ଅଭିଲେଖାଗାର, ହରେକୃଷ୍ଣ ମହତାବ ପାଠାଗାରର କର୍ମଚାରୀମାନେ ସଂରକ୍ଷଣ ଦାୟିତ୍ୱରେ ନିୟୋଜିତ ଅଛନ୍ତି। ଏହାର ଭିତ୍ତିଭୂମିର ବିକାଶ ପାଇଁ କଲିକତା, ବମ୍ବେ ପ୍ରଭୃତି ସହରରେ ଥିବା ଜାତୀୟସ୍ତରୀୟ ପାଠାଗାରର ସହଯୋଗ ନିଆଯିବ। ପୁସ୍ତକଗୁଡ଼ିକର ସଂରକ୍ଷଣ ଲାଗି ଯଦି ଦରକାର ପଡେ ତେବେ ସେଠାରୁ ବିଶେଷଜ୍ଞମାନଙ୍କୁ ଅଣାଯିବ। ଏହାକୁ ଏକ ବିଶ୍ୱସ୍ତରୀୟ ପାଠାଗାର କରାଯିବ। ସବୁ ପୁସ୍ତକର ତାଲିକା ପ୍ରସ୍ତୁତ ହେବା ପରେ ଏହାର ଡିଜିଟାଇଜେଶନ କରାଯିବ। ଡିଜିଟାଇଜେଶନ କାର୍ଯ୍ୟ ଶେଷ ହେବା ପରେ ପାଠିକାପାଠକମାନେ ଏହି ସମ୍ମିଳନୀ କକ୍ଷରେ ପଢ଼ିପାରିବେ। ଜିଲା ସଂସ୍କୃତି ଅଧିକାରୀ ଏହି ସବୁ କାମକୁ ତଦାରଖ କରିବେ। ପାଠାଗାରର ପୂର୍ବ କାର୍ଯ୍ୟରତ କର୍ମଚାରୀଙ୍କ ସ୍ୱାର୍ଥକୁ ମଧ୍ୟ ଦୃଷ୍ଟିରେ ରଖାଯିବ ବୋଲି ଜିଲାପାଳ ସିଂ କହିଛନ୍ତି।



ଜିଲା ଭୂ-ଅର୍ଜନ ସମ୍ମିଳନୀ କକ୍ଷରେ ରଘୁନନ୍ଦନ ଲାଇବ୍ରେରିର ବହି ରଖାଯାଇଛି।

- ଚିଲିକାରେ ଅଟକି ରହିଥିବା ଜାହାଜରୁ ତେଲ କାଢ଼ିବା ପ୍ରକ୍ରିୟା ଆରମ୍ଭ

# ପଡ଼ିଲା ପାଇପ, ଆଜି ବାହାରିବ ତେଲ

ବ୍ରହ୍ମଗିରି/କୃଷ୍ଣପ୍ରସାଦ,୨୮।୮ (ଡି.ଏନ.ଏ.)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଚିଲିକା ରାଜହଂସ ଓ ଖିରିସାହି ମଧ୍ୟରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ମାଲେସିଆର ଏକ ପଣ୍ୟବାହୀ ଜାହାଜ ଜିନ ହୱା ୪୨ ଲାଗିଛି। ଜାହାଜଟି ଦୀର୍ଘ ୨୧ ଦିନ ଧରି ଲାଗି ରହିଥିବା ବେଳେ ସମସ୍ତଙ୍କ ମୁଣ୍ଡ ବ୍ୟଥାର କାରଣ ପାଲଟିଛି। ଜାହାଜର କଣ୍ଟେନରଟି ବର୍ତ୍ତମାନ ସମୁଦ୍ର ମଧ୍ୟକୁ ଓଲଟି ପଡିଛି। ଜାହାଜଟି ପାଣି ମଧ୍ୟକୁ ଢଳି ରହିଛି। ଜାହାଜରେ ଥିବା ୩୦ ହଜାରରୁ ଊର୍ଦ୍ଧ୍ୱ ଲିଟର ତେଲ ଯଦି ଲିକ୍ ହେବ ଚିଲିକାର ଜୈବ ବିବିଧତା ପାଇଁ ବିପଦ ସାଜିବା ନେଇ ଆଶଙ୍କା ପ୍ରକାଶ ପାଇଥିଲା। ଏ ନେଇ ଜିଲା ପ୍ରଶାସନ ପକ୍ଷରୁ ଉକ୍ତ ଜାହାଜରୁ ତେଲ କଢାଯିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ବୁଧବାର ଜାହାଜରୁ ତେଲ ବାହାର କରିବାକୁ ପାଇପ ପକାଯାଇଛି। ଗୁରୁବାର ତେଲ ବାହାର କରାଯିବ ବୋଲି ଜଣାପଡିଛି।

ପ୍ରକାଶ ଥାଉକି, ଗତ ୮ ତାରିଖରେ ମାଲେସିଆର ପଣ୍ୟବାହୀ ଜାହାଜ ବଙ୍ଗୋପସାଗରେ ଯାନ୍ତ୍ରିକ ତ୍ରୁଟି ଯୋଗୁ କୃଷ୍ଣପ୍ରସାଦ ବ୍ଲକର ରାଜହଂସ ନିକଟରେ ଲାଗିଥିଲା। ଏହି ଜାହାଜରେ ଭରି ରହିଛି ୩୦ ହଜାର ଲିଟର ଡିଜେଲ, ୧ ହଜାର ଲିଟର ଲ୍ୟୁବ ଅଏଲ, ୨୦୦ ଲିଟର ହାଇଡ୍ରୋଲିକ ତେଲ। ଜାହାଜରୁ ତେଲ ଖାଲି କରିବାକୁ ୩ ଦିନ ତଳେ ଜିଲା ପ୍ରଶାସନ ତତ୍ପର ହୋଇଛି। ଫଳରେ ଉକ୍ତ ଜାହାଜ ମାଲିକଙ୍କ ସହ ଯୋଗାଯୋଗ କରି ତେଲ କଢାଯିବା ପ୍ରକ୍ରିୟା ଆରମ୍ଭ କରାଯାଇଛି। ବୁଧବାର ୩ ଟି ଦଳ ଆସି ଜାହାଜ ନିକଟରେ ପହଞ୍ଚି ପାଇପ ପକାଇବା କାମ ଆରମ୍ଭ କରିଛନ୍ତି। ପାରାଦୀପସ୍ଥିତ ମେରାଇନ ସର୍ଭେରୁ ଶରତ ଚନ୍ଦ୍ର ସାହୁ ଜାହାଜର ସ୍ଥିତି ତଦନ୍ତ କରିବା କାର୍ଯ୍ୟରେ ନିୟୋଜିତ ହୋଇଥିବା ବେଳେ ଏହି ତେଲ କାଢିବାକୁ କଲିକତାର ଏକ ଠିକା ସଂସ୍ଥାକୁ ଦିଆଯାଇଛି। ଏହି ଠିକା ସଂସ୍ଥାର ସଦସ୍ୟ ଅମିତ ଶାହ ଏଠାରେ ଉପସ୍ଥିତ ରହିଛନ୍ତି। ଏହା ସହ ଜାହାଜଠାରୁ ତେଲ କାଢିବା ପାଇଁ ପାଇପ ସଂଯୋଗ କରିବାକୁ ବାଲେଶ୍ୱରରୁ ଏକ ୬ ଜଣିଆ ଦଳ ଏହି କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ଜାହାଜରୁ ରାଜହଂସ (ତେଲ କଢାଯିବା ସ୍ଥାନ) ପର୍ଯ୍ୟନ୍ତ ୧ ହଜାର ମିଟର ପାଇପ ବିଛାଯାଇଛି। ଗୁରୁବାର ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ ଭେସେଲ ଦ୍ୱାରା ଟ୍ୟାଙ୍କର ପହଞ୍ଚିବା ପରେ ତେଲ ବାହାର କରାଯିବ। ଏ ନେଇ ସମସ୍ତ ପ୍ରସ୍ତୁତି ସରିଯାଇଛି। ଏହି ତେଲ କାଢିବାକୁ ଅତିକମରେ ୨ରୁ ୩ ଦିନ ସମୟ ଲାଗିବ ବୋଲି ଶରତ ଚନ୍ଦ୍ର ସାହୁ ସୂଚନା ଦେଇଛନ୍ତି।



ଜାହାଜରୁ ତେଲ ବାହାର କରିବା ପାଇଁ ପାଇପ ସଂଯୋଗ କରାଯାଉଛି।

- ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ କୁଳପତିଙ୍କ ଅଚାନକ ଚଢ଼ାଉ

# ଧରାପଡ଼ିଲେ ୮ ଅଣଛାତ୍ର

କଟକ ଅଫିସ,୨୮।୮

ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ବୁଧବାର ରାତି ପ୍ରାୟ ୧୦ଟାରେ କୁଳପତି ପ୍ରଫେସର ଈଶାନ କୁମାର ପାତ୍ର ଅଚାନକ ଚଢ଼ାଉ କରିଛନ୍ତି। ଏହି ସମୟରେ ବିଶ୍ୱବିଦ୍ୟାଳୟ ପରିସରରେ ୮ଜଣ ଅଣଛାତ୍ର ଚିହ୍ନଟ ହୋଇଛନ୍ତି। ଏମାନଙ୍କୁ ପୋଲିସ ପଚରାଉଚରା କରି ଛାଡ଼ି ଦେଇଥିବା ଜଣାପଡ଼ିଛି। ଏହାଛଡ଼ା ଇଷ୍ଟ ହଷ୍ଟେଲରେ ମଧ୍ୟ କୁଳପତି ଯାଞ୍ଚ କରିଛନ୍ତି। ଚଢ଼ାଉ ସମୟରେ ବରିଷ୍ଠ ଅଧିକାରୀ ପ୍ରଫେସର ପଦନ କୁମାର ଜେନା, ଲୋକସମ୍ପର୍କ ଅଧିକାରୀ ଡ. ଜ୍ଞାନ ରଞ୍ଜନ ସ୍ୱାଇଁ, ଇଷ୍ଟ ହଷ୍ଟେଲ ୱାର୍ଡେନ ଡ. ପୂର୍ଣ୍ଣେନ୍ଦୁ ପାଢ଼ୀଙ୍କ ସମେତ ପୋଲିସ ଉପସ୍ଥିତ ଥିଲେ।

ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ବିଭିନ୍ନ ବିଭାଗର ସ୍ୱାଗତ ଉତ୍ସବ ଆୟୋଜନ ପାଇଁ ୨୮ରୁ ୩୦ତାରିଖ ପର୍ଯ୍ୟନ୍ତ ନିର୍ଦ୍ଧାରଣ କରାଯାଇଛି। ବୁଧବାର ଥିଲା ସ୍ୱାଗତ ଉତ୍ସବର ପ୍ରଥମ ଦିବସ। ଏଣୁ ବିଶ୍ୱବିଦ୍ୟାଳୟ ପରିସରରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଅନେକ ଅଣଛାତ୍ର ରହିଥିବା ଶୁଣିବାକୁ ମିଳିଥିଲା। କୁଳପତି ପ୍ରଫେସର ପାତ୍ର ହଠାତ୍ ରାତି ୧୦ଟାରେ ପହଞ୍ଚି ମୁଖ୍ୟ

## ପଚରାଉଚରା ପରେ ଛଡ଼ାଗଲା

ଫାଟକ ତାଲା ପକାଇବା ସହ ଲନ୍‌ରେ ବସିଥିବା ସମସ୍ତ ଛାତ୍ରଙ୍କୁ ଡାକି ପଚରାଉଚରା କରିଥିଲେ। ବିଶ୍ୱବିଦ୍ୟାଳୟର ପରିଚୟପତ୍ର ଦେଖାଇବାକୁ ମଧ୍ୟ କହିଥିଲେ। ଲନ୍, କୁଳପତିଙ୍କ କାର୍ଯ୍ୟାଳୟ ନିକଟ, ମନସ୍ତତ୍ତ୍ୱ ବିଭାଗ ନିକଟରୁ ମୋଟ ୮ଜଣ ଅଣଛାତ୍ର ଚିହ୍ନଟ ହୋଇଥିଲେ। ଏମାନଙ୍କୁ ମାଲଗୋଦାମ ଥାନା ପୋଲିସ ପଚରାଉଚରା କରି ଛାଡ଼ି ଦେଇଥିଲା। ଏହା ପରେ ହଠାତ୍ ଇଷ୍ଟ ହଷ୍ଟେଲରେ ଯାଞ୍ଚ କରାଯାଇଥିଲା। ମାତ୍ର କୌଣସି ଅଣଛାତ୍ର ଧରା ପଡ଼ି ନ ଥିଲେ। ତେବେ ଅନେକ ପ୍ରକୋଷ୍ଠରେ ବାହାରୁ ତାଲା ପଡ଼ିଥିବା ଦେଖିବାକୁ ମିଳିଥିଲା। ବିଶ୍ୱବିଦ୍ୟାଳୟରେ ଶୈକ୍ଷିକ ପରିବେଶ ବଜାୟ ରଖିବା ପାଇଁ ଏଭଳି ପଦକ୍ଷେପ ସବୁବେଳେ ନିଆଯିବ ବୋଲି କୁଳପତି ପ୍ରଫେସର ପାତ୍ର କହିଛନ୍ତି। ସୂଚନା ଥାଉକି, କିଛି ଦିନ ତଳେ ଇଷ୍ଟ ହଷ୍ଟେଲ ୱାର୍ଡେନ ଡ. ପୂର୍ଣ୍ଣେନ୍ଦୁ ପାଢ଼ୀଙ୍କ ଗାଡ଼ି କିଛି ଅଣଛାତ୍ର ଭାଙ୍ଗିଛନ୍ତି ବୋଲି ଅଭିଯୋଗ ହୋଇଥିଲା। ଏହାପରେ ଚଢ଼ାଉ ହେବାରୁ ଏହି ହଷ୍ଟେଲରୁ ଜଣେ ଅଣଛାତ୍ର ଧରା ପଡ଼ିଥିଲେ।



ଚଢ଼ାଉ ସମୟରେ ଛାତ୍ରମାନଙ୍କ ସହ ଆଲୋଚନା କରୁଛନ୍ତି କୁଳପତି ଈଶାନ କୁମାର ପାତ୍ର।

# ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ଜଳିଗଲା ବସ୍

ଭୁବନେଶ୍ୱର, ୨୮।୮(ବ୍ୟୁରୋ)

- ପାର୍କିଂରେ ଲାଗିଗଲା ନିଆଁ, ଟଳିଗଲା ବଡ଼ ବିପଦ
- ଜଣେ ମହିଳା ଯାତ୍ରୀଙ୍କ ପାଇଁ ବଞ୍ଚିଗଲେ କଣ୍ଡକ୍ଟର
- ବସ୍‌ର ଇନ୍‌ସ୍ୟୁରାନ୍ସ ନ ଥିବା ସୂଚନା

ବରମୁଣ୍ଡା ବସ୍‌ଷ୍ଟାଣ୍ଡ ପାର୍କିଂରେ ଥିବା ଚକାଡୋଲା ବସ୍‌ରେ ନିଆଁ ଲାଗିଯିବାରୁ ତାହା ସମ୍ପୂର୍ଣ୍ଣ ଜଳିଯାଇଛି। ବୁଧବାର ଅପରାହ୍ନରେ ଘଟିଛି ଏହି ଘଟଣା। ତେବେ ଏହା ପାଖକୁ ଲାଗି ଶହଶହ ବସ୍ ରହିଥିଲେ ମଧ୍ୟ ବଡ଼ ଧରଣର ବିପଦ ଟଳିଯାଇଛି। ଅନ୍ୟପକ୍ଷରେ ସେହି ସମୟରେ ବସ୍‌ରେ ଥିବା ଜଣେ ମହିଳା ଯାତ୍ରୀଙ୍କ ପାଇଁ କଣ୍ଡକ୍ଟରଙ୍କ ଜୀବନ ବଞ୍ଚିଯାଇଛି। ଘଟଣା ପରେ କାରଣ ଖୋଜା ଚାଲିଥିବାବେଳେ ଅଗ୍ନିଶମ ବିଭାଗ ତଦନ୍ତ ଆରମ୍ଭ କରିଛି।

ସୂଚନା ମୁତାବକ, ଭୁବନେଶ୍ୱରରୁ ଭବାନୀପାଟଣା ଦେଇ ମୁଖୀଗୁଡ଼ାକୁ ଚଳାଚଳ କରୁଥିବା ଘରୋଇ ଚକାଡୋଲା ବସ୍ (ନଂ.ଓଡିଶାୟୁ୧୩୯୯)ଟି ସକାଳ ସାଢ଼େ ୮ଟାବେଳେ ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ପହଞ୍ଚିଥିଲା। ଯାତ୍ରୀମାନେ ଓହ୍ଲାଇଯିବା ପରେ ପାର୍କିଂସ୍ଥଳରେ ରହିଥିଲା। ପୁଣି ସନ୍ଧ୍ୟାରେ ଭବାନୀପାଟଣା ଅଭିମୁଖେ ବାହାରିବାର ଥିଲା। ଅପରାହ୍ନ ପ୍ରାୟ ୨ଟାରେ ଡ୍ରାଇଭର ଓ ହେଲ୍‌ପର ଖାଇବାକୁ ନିକଟରେ ଥିବା ଏକ ହୋଟେଲକୁ ଯାଇଥିଲେ। ଗାଡ଼ି ଭିତରେ କଣ୍ଡକ୍ଟର ସୁଧାଂଶୁ ଦାସ ଶୋଇଥିଲେ। କଳାହାଣ୍ଡି ଯିବା ପାଇଁ ଛବିରାଣୀ ବେହେରା ନାମ୍ନୀ ଜଣେ ମହିଳା ଯାତ୍ରୀ ମଧ୍ୟ ବସ୍‌ରେ ବସିଥିଲେ। ୨ଟା ୧୫ରେ ହଠାତ୍ ବସ୍ ଆଗ ବନେଟରୁ ଧୂଆଁ ବାହାରୁଥିବା ଦେଖି ଛବିରାଣୀ ଭୟରେ ଓହ୍ଲାଇପଡିଥିଲେ। ହେଲେ ସେହି ସମୟରେ ଗାଡିର ପଛରେ ଶୋଇଥିବା କଣ୍ଡକ୍ଟରଙ୍କ କଥା ମନେ ପଡିଯିବାରୁ ପୁଣି ଗାଡ଼ି ଭିତରକୁ ଯାଇ ତାଙ୍କୁ ଉଠାଇ ଜଣାଇବା ପରେ ଦୁହେଁ ବାହାରକୁ ଦୌଡ଼ି ପଳାଇ ଆସିଥିଲେ। ଚାହୁଁ ଚାହୁଁ ନିଆଁ ଉପରକୁ ଉଠି ବସ୍ ଭିତରକୁ ବ୍ୟାପିଯାଇଥିଲା। ବସ୍ ସିଟ୍, ସିଲିଂ ଓ ଲାଗିଥିବା କପଡ଼ା ହୁତୁହୁତୁ ହୋଇ ଜଳିଉଠିଥିଲା। ଏହାଦେଖି ପାଖକୁ ଲାଗି ରହିଥିବା ଅନ୍ୟ ବସ୍‌ଗୁଡ଼ିକୁ ଦୂରକୁ ହଟାଇ ଦିଆଯାଇଥିଲା। ନିଆଁର ପ୍ରକୋପ ପ୍ରଖର ଥିବାରୁ ଓ ପାଖରେ ସେହିପରିମାଣର ପାଣି ନ ଥିବାରୁ ଆୟତ୍ତ କରାଯାଇ ପାରି ନ ଥିଲା। ତେବେ ନିଆଁ ଲାଗିଥିବା ଖବର ବ୍ୟାପିଯିବା ପରେ ବସ୍‌ଷ୍ଟାଣ୍ଡରେ ଥିବା ଯାତ୍ରୀ ଓ ଅନ୍ୟମାନେ ଭୟରେ ଦୂରକୁ ପଳାଇଥିଲେ। ଖଣ୍ଡଗିରି ଥାନା ପୋଲିସ ଓ ନିକଟସ୍ଥ ଫାୟାର ଷ୍ଟେଶନରୁ ୨ଟି ନିଆଁଲିଭା ଗାଡ଼ି ପହଞ୍ଚିଥିଲା। ପ୍ରାୟ ଅଧଘଣ୍ଟାର ଉଦ୍ୟମ ପରେ ନିଆଁକୁ ଆୟତ୍ତ କରାଯାଇଥିଲେ ମଧ୍ୟ ସେତେବେଳକୁ ବସ୍‌ଟି ସମ୍ପୂର୍ଣ୍ଣ ପୋଡ଼ିଯାଇଥିଲା। ଏହାର କାରଣ ସ୍ପଷ୍ଟ ହୋଇ ନ ଥିଲେ ମଧ୍ୟ ଶର୍ଟସର୍କିଟରୁ ବସ୍‌ଟିରେ ନିଆଁ ଲାଗିଥିବା ଆଶଙ୍କା କରାଯାଉଛି। ଅଗ୍ନିଶମ ବିଭାଗ ଘଟଣାର ତଦନ୍ତ କରୁଛି। ବସ୍‌ଟିର ଫିଟ୍‌ନେସ୍ ରହିଥିବାବେଳେ ଇନ୍‌ସ୍ୟୁରାନ୍ସ ନ ଥିବା ସୂଚନା ମିଳିଛି। ଅଗଷ୍ଟ ୨ ତାରିଖରୁ ଇନ୍‌ସ୍ୟୁରାନ୍ସ ଅବଧି ସରିଯାଇଥିବା ପରିବହନ ବିଭାଗ ୱେବ୍‌ସାଇଟ୍‌ରୁ ଜଣାପଡିଛି। ଏ ନେଇ ବସ୍ ମାଲିକ ପ୍ରମୋଦ ରାୟଙ୍କ ସହ ଯୋଗଯୋଗ ସମ୍ଭବ ହୋଇପାରିନି।



ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ବସ୍‌ରେ ଲାଗିଥିବା ନିଆଁକୁ ଅଗ୍ନିଶମ କର୍ମଚାରୀମାନେ ଲିଭାଉଛନ୍ତି।

- ହାଇକୋର୍ଟରେ ଭୁବନେଶ୍ୱର ରାମମନ୍ଦିର ପରିଚାଳନା ମାମଲା

# ପରିଚାଳନା ଦାୟିତ୍ୱରେ ରହିବେ ନିର୍ବାହୀ ଅଧିକାରୀ

କଟକ ଅଫିସ, ୨୮।୮

ଭୁବନେଶ୍ୱର ରାମମନ୍ଦିର ପରିଚାଳନା କରିବାକୁ ଜଣେ ନିର୍ବାହୀ ଅଧିକାରୀଙ୍କୁ ହାଇକୋର୍ଟ ବୁଧବାର ନିର୍ଦ୍ଦେଶ ଦେଇଛନ୍ତି। ଚୂଡ଼ାନ୍ତ ଶୁଣାଣି ଶେଷ ନ ହେବା ପର୍ଯ୍ୟନ୍ତ ନିର୍ବାହୀ ଅଧିକାରୀ ଭାବେ ବିମଳ କୁମାର ପାତ୍ର ଦାୟିତ୍ୱ ତୁଲାଇବେ ବୋଲି ହାଇକୋର୍ଟ ତାଙ୍କ ରାୟରେ କହିଛନ୍ତି। ଦେବୋତ୍ତର ବିଭାଗ ପକ୍ଷରୁ ଗତ ଜାନୁୟାରୀ ମାସଠାରୁ ଏକ ଅନ୍ତରୀଣ ଟ୍ରଷ୍ଟବୋର୍ଡକୁ ପରିଚାଳନା ଦାୟିତ୍ୱ ଦିଆଯାଇଥିବାବେଳେ କୋର୍ଟ ଏହାଠାରୁ ସମସ୍ତ କ୍ଷମତା ଆସନ୍ତା ସେପ୍ଟେମ୍ବର ୧୧ତାରିଖ ପର୍ଯ୍ୟନ୍ତ କାଢି ନେଇଛନ୍ତି। ଆସନ୍ତା ୧୧ ତାରିଖରେ ଚୂଡ଼ାନ୍ତ ଶୁଣାଣି ହେବ ଓ ଏଥିରେ କୋର୍ଟ ଅନ୍ତରୀଣ ଟ୍ରଷ୍ଟବୋର୍ଡ ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ଜଣାଇବେ। ରାମମନ୍ଦିର ସେବା ସମିତି ଟ୍ରଷ୍ଟ ପକ୍ଷରୁ ରୁଜୁ ଏକ ମାମଲାର ଶୁଣାଣି କରି ବିଚାରପତି ଜଷ୍ଟିସ୍ ସଞ୍ଜୁ ପଣ୍ଡା ଓ ଜଷ୍ଟିସ୍ ପ୍ରମଥ ପଟ୍ଟନାୟକଙ୍କ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି।

୧୯୬୯ ମସିହାରେ ଭୁବନେଶ୍ୱରସ୍ଥ ରାମମନ୍ଦିର ଛକଠାରେ ସରକାରୀ ଜମିକୁ ଲିଜ୍ ନେଇ ରାମମନ୍ଦିର ସେବା ସମିତି ଟ୍ରଷ୍ଟ ଏଠାରେ ମନ୍ଦିର ନିର୍ମାଣ କରିଥିଲା। ରାମମନ୍ଦିର ସେବା ସମିତି ହାତରେ ମନ୍ଦିର ପରିଚାଳନା ଦାୟିତ୍ୱ ରହିଥିଲା। ମାତ୍ର ଦେବୋତ୍ତର କମିଶନଙ୍କ ପକ୍ଷରୁ ଏକ ବିଜ୍ଞପ୍ତି ଜରିଆରେ ଗତ ଜାନୁୟାରୀରେ ପୁରୁଣା ଟ୍ରଷ୍ଟକୁ ଭଙ୍ଗାଯାଇ ଏକ ଅସ୍ଥାୟୀ ଟ୍ରଷ୍ଟବୋର୍ଡ଼ ଗଠନ କରାଯାଇଥିଲା। ଏହାକୁ ବିରୋଧ କରି ରାମମନ୍ଦିର ସେବା ସମିତି ଟ୍ରଷ୍ଟ ପକ୍ଷରୁ ହାଇକୋର୍ଟରେ ମାମଲା ରୁଜୁ ହୋଇଥିଲା। ପୂର୍ବରୁ ହାଇକୋର୍ଟ ଫେବୃୟାରୀ ୨୨ରେ ସ୍ଥିତାବସ୍ଥା ବଜାୟ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ।



ଭିତର ଚେତନାର ପରିବର୍ତ୍ତନ ନ ହେଲେ ବାହାର ପରିବର୍ତ୍ତନର କିଛି ମୂଲ୍ୟ ନାହିଁ;
କାରଣ ପ୍ରଖର ବୁଦ୍ଧି ଥିଲେ ବି ଜଣେ ଅଜ୍ଞାନ ଭାବରେ କାର୍ଯ୍ୟ କରିପାରେ।
-ମନୋଜ ଦାସ



## ସଂକ୍ଷେପରେ

### ହାଟରେ ପରିସ୍ରା କରି ମାଡ଼ ଖାଇଲେ ଯବାନ

**ପୁରୁଣା ଭୁବନେଶ୍ୱର,୨୮।୮(ଡି.ଏନ୍.ଏ.)**- ଏୟାରଫିଲ୍ଡ ଥାନା ଲାଗି ରହିଛି ସୁନ୍ଦରପଦା ହାଟ। ବୁଧବାର ସନ୍ଧ୍ୟାରେ ଜଣେ ଯବାନ ଓ ତାଙ୍କ ପୁଅ ହାଟ ମଝିରେ ଥିବା ପାର୍କିଂ ସ୍ଥଳରେ ପରିସ୍ରା କରୁଥିଲେ। ମାତ୍ର ଏହାକୁ ହାଟ କରିବାକୁ ଆସିଥିବା ମହିଳାମାନେ ବିରୋଧ କରିଥିଲେ। ପରେ ହାଟ ବ୍ୟବସାୟୀ ମଧ ବିରୋଧ କରିଥିଲେ। ମୁଁ ଯବାନ ମୋର କ'ଣ କରିବାର ଅଛି କୁହ କହି ଯବାନ ସେଠାରୁ ପଳାଇଥିଲେ। ପରେ ଯବାନ ଜଣକ ତାଙ୍କ ପୁଅଙ୍କ ସହ ପୁଣି ହାଟକୁ ଆସି ପରିସ୍ରା କରିବାକୁ ବିରୋଧ କରିଥିବା ବ୍ୟବସାୟୀଙ୍କୁ ମାରିବାକୁ ଉଦ୍ୟତ ହୋଇଥିଲେ। ଏହାକୁ ଦେଖି ହାଟ ବ୍ୟବସାୟୀଙ୍କ ସହ ସ୍ଥାନୀୟ ଲୋକେ ବାପପୁଅଙ୍କୁ ନିସ୍ତୁକ ମାଡ ମାରି ପୋଲିସ ଜିମା ଦେଇଥିଲେ। ଖବର ଲେଖା ହେବା ବେଳକୁ ଉଭୟ ବାପପୁଅ ଓ ହାଟ ବ୍ୟବସାୟୀଙ୍କ ମଧରେ ଆପୋସ ସମାଧାନ ପାଇଁ ପ୍ରକ୍ରିୟା ଚାଲିଥିବା ଥାନାର ଜଣେ କର୍ମଚାରୀ କହିଛନ୍ତି।

### ସେଣ୍ଟ୍ରାଲରେ ରିସାଇକେଲ ଫ୍ୟାଶନୱିକ୍

**ଭୁବନେଶ୍ୱର, ୨୮।୮**- ସେଣ୍ଟ୍ରାଲ ଷ୍ଟୋର ପକ୍ଷରୁ ରିସାଇକେଲ ଫ୍ୟାଶନୱିକ ଶୁଭାରମ୍ଭ ଘୋଷଣା କରାଯାଇଛି। ପୋଷାକ ନ ଥିବା ଲୋକମାନଙ୍କୁ ପୋଷାକ ଯୋଗାଣ ଲାଗି ସେଣ୍ଟ୍ରାଲ ଷ୍ଟୋର ପକ୍ଷରୁ ସାମାଜିକ ଅନୁଷ୍ଠାନ ଗୁଞ୍ଜ ସହ ସହଭାଗିତା ହୋଇଛି। ଏହି ବୁଝାମଣା ଦ୍ୱାରା ଲୋକମାନେ ନିକଟସ୍ଥ ସେଣ୍ଟ୍ରାଲ ଷ୍ଟୋରକୁ ଯାଇ ପୋଷାକ ଦାନ କରିବେ। ପୋଷାକ ଆବଶ୍ୟକ କରୁଥିବା ଅଭାବୀ ଲୋକଙ୍କୁ ଏହି ପୋଷାକଗୁଡିକ ଗୁଞ୍ଜ ପ୍ରଦାନ କରିବ। ପୋଷାକଗୁଡିକ ଭଲ ସ୍ଥିତିରେ ଥିବା ଆବଶ୍ୟକ। ପୁରୁଣା ହେଲେ ମଧ ଏହାକୁ ଭଲ ଭାବେ ରିସାଇକେଲ କରି ଲୋକମାନଙ୍କୁ ବ୍ୟବହାର ଦିଗରେ ଗୁଞ୍ଜ କାର୍ଯ୍ୟ କରୁଛି। ଏହି ସମୟରେ ପୋଷାକ ଦାନ କରୁଥିବା ଲୋକଙ୍କୁ ଷ୍ଟୋର ପକ୍ଷରୁ ୨୫୦ ଟଙ୍କାର ଭାଉଚର ପ୍ରଦାନ କରାଯିବ। ଏହି ୱିକ ସାରା ଦେଶର ୪୭ ଷ୍ଟୋରରେ ଚଳିତ ମାସ ଶେଷ ଯାଏ ପାଳନ କରାଯାଉଛି। ବନ୍ୟା ପ୍ରଭାବିତ ତଥା ଆବଶ୍ୟକ କରୁଥିବା ଲୋକଙ୍କ ପୋଷାକ ଯୋଗାଣ ଦିଗରେ ଗୁଞ୍ଜ ଦେଶର ଅନେକ ରାଜ୍ୟରେ କାମ କରୁଛି। ଏଭଳି ପଦକ୍ଷେପ ଦ୍ୱାରା ପରିବର୍ତ୍ତନରେ ଲୋକମାନେ ନିଜକୁ ସାମିଲ କରିପାରିବେ ବୋଲି ସେଣ୍ଟ୍ରାଲ ସିଇଓ ବିଷ୍ଣୁ ପ୍ରସାଦ କହିଛନ୍ତି।

### ୩୦ରେ ଆଇସିସିର ଏଚ୍ଆର୍ ଲିଡରଶିପ ସମିଟ୍

**ଭୁବନେଶ୍ୱର, ୨୮।୮**- ଚଳିତ ମାସ ୩୦ରେ ଶିଳ୍ପସଂଘ ଇଣ୍ଡିଆନ୍ ଚାମ୍ବର ଅଫ କମର୍ସ(ଆଇସିସି) ପକ୍ଷରୁ ସ୍ଥାନୀୟ ଏକ ହୋଟେଲରେ ଏଚ୍ଆର୍ ଲିଡରଶିପ ସମିଟ ଆୟୋଜନ କରାଯିବ। ମାନବ ସମ୍ବଳ ପରିଚାଳନା ସହ ଜଡିତ ବ୍ୟକ୍ତିବିଶେଷଙ୍କୁ ଏକତ୍ରିତ କରିବା ତଥା ଓଡ଼ିଶାକୁ ୧ ଟ୍ରିଲିୟନ ଡଲାର ଅର୍ଥନୀତି ଭାବେ ଗଢି ତୋଳିବା ଲାଗି ରହିଥିବା ବିଭିନ୍ନ ସୁଯୋଗ ଉପରେ ଏଠାରେ ଆଲୋଚନା ହେବ। ଏ ଦିଗରେ ସୁଯୋଗ ସୃଷ୍ଟି ନିମନ୍ତେ ମାନବ ସମ୍ବଳକୁ କିଭଳି ଉପଯୋଗ କରାଯାଇ ପାରିବ ସେ ପ୍ରସଙ୍ଗରେ ମାନସ ମନ୍ଥନ ଲାଗି ଏହା ଏକ ପ୍ଲାଟଫର୍ମ ପ୍ରଦାନ କରିବ ବୋଲି ଶିଳ୍ପ ସଂଘ ପକ୍ଷରୁ କୁହାଯାଇଛି।

### ଗୋପବନ୍ଧୁ ପାଠାଗାର ବାର୍ଷିକ ଉତ୍ସବ

**ବାଲିପାଟଣା,୨୮।୮(ଡି.ଏନ୍.ଏ.):** ସ୍ଥାନୀୟ ବ୍ଲକ ଅନ୍ତର୍ଗତ ବନମାଳୀପୁରସ୍ଥିତ ଗୋପବନ୍ଧୁ ପାଠାଗାରର ବାର୍ଷିକ ଉତ୍ସବ ତଥା ଗୋପବନ୍ଧୁ ପ୍ରତିମୂର୍ତ୍ତି ପ୍ରତିଷ୍ଠା ଉତ୍ସବ ବୁଧବାର ପାଠଗାର ପରିସରରେ ଅନୁଷ୍ଠିତ ହୋଇଯାଇଛି। ପାଠାଗାର ସଭାପତି ଉତ୍ତମ ଚରଣ ଦାସଙ୍କ ପୌରୋହିତ୍ୟରେ ଜୟଦେବ ବିଧାୟକ ଡ. ଅରବିନ୍ଦ ଢାଲି ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ, ଗୋପବନ୍ଧୁ ଦାଶଙ୍କ ନାମରେ ନାମିତ ପାଠାଗାର ଜ୍ଞାନର ଗନ୍ତାଘର ହେବା ପାଇଁ ସମସ୍ତ ସହଯୋଗ ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ମୁଖ୍ୟବକ୍ତାଭାବେ ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟ ଯୋଗଦେଇ କହିଥିଲେ, ଗୋପବନ୍ଧୁ କଳନାର ଊର୍ଦ୍ଧ୍ୱରେ ରହିବେ। ସେ ଏକଧାରରେ ସାହିତ୍ୟିକ, ସମାଜସେବୀ, ସମାଜ ସଂସ୍କାରକ, ରାଜନେତା, ସାମ୍ବାଦିକ ଓ ସନ୍ନ୍ୟାସୀ ଥିଲେ। ଏହି ଅବସରରେ ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ଅଧିକାରୀ ସମର ବଲ୍ଲଭ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପାଠାଗାର ସମ୍ପାଦକ ଲକ୍ଷ୍ମଣ ମଣ୍ଡଳ ବାର୍ଷିକ ବିବରଣୀ ପାଠ କରିଥିଲେ। ସଞ୍ଜୀବ ରାୟ ଓ ରମେଶ ଚନ୍ଦ୍ର ସାହୁ ସଭା ପରିଚାଳନା କରିଥିଲେ।

■ ବେଆଇନ ପାର୍କିଂ ବିରୋଧରେ ଅଣ୍ଟା ଭିଡ଼ିଲା କମିଶନରେଟ୍ ପୋଲିସ

# ଗାଡ଼ିରେ ତାଲା ପକାଇ ଜରିମାନା ଆଦାୟ

**ଭୁବନେଶ୍ୱର, ୨୮।୮(ବ୍ୟୁରୋ)**

### ୬ ତାରିଖରେ ବିଭିନ୍ନ ବିଭାଗକୁ ନେଇ ହେବ ବୈଠକ



ଏକ କାର୍ ଚକାରେ ତାଲା ପକାଉଛନ୍ତି ପୋଲିସ୍ କର୍ମଚାରୀ।

ରାଜଧାନୀରେ ଟ୍ରାଫିକ ସମସ୍ୟାକୁ ଦ୍ୱିଗୁଣିତ କରୁଛି ବେଆଇନ୍ ପାର୍କିଂ। ତେଣୁ ବେଆଇନ ପାର୍କିଂ ବିରୋଧରେ ଅଣ୍ଟା ଭିଡ଼ିଛି କମିଶନରେଟ୍ ପୋଲିସ। ଏଣିକି ଏଣେତେଣେ ମନଇଚ୍ଛା ଗାଡ଼ି ପାର୍କିଂ କରୁଥିବା ଲୋକଙ୍କୁ ଜରିମାନା ଗଣିବାକୁ ପଡ଼ିବ। ରାସ୍ତାରୁ ଆଉ ଏଭଳି ଗାଡ଼ିଗୁଡିକୁ ଥାନାକୁ ନିଆଯିବନାହିଁ, ବରଂ ସେଗୁଡ଼ିକର ଚକରେ ତାଲା ପକାଯିବ। ଜରିମାନା ଦେବା ପରେ ଯାଇ ଗାଡ଼ି ଛାଡ଼ିବ ପୋଲିସ। ବୁଧବାର ରାଜଧାନୀର ସଚିବାଳୟ ମାର୍ଗ, ଏସ୍‌ବିଆଇ ମୁଖ୍ୟ କାର୍ଯ୍ୟାଳୟ ଏବଂ ଫର୍ଚ୍ଚୁନ୍ ଟାୱାର ଆଦି ବିଭିନ୍ନ ସ୍ଥାନରେ ବେଆଇନ ଭାବେ ପାର୍କିଂ ହୋଇଥିବା ଗାଡ଼ି ଗୁଡିକର ଚକରେ ପୋଲିସ ପକ୍ଷରୁ ତାଲା ପକାଯିବା ସହ ଜରିମାନା ଆଦାୟ କରାଯାଇଥିଲା। ପ୍ରତି ଗାଡ଼ିରୁ ଜରିମାନା ବାବଦରେ ୫୦୦ ଟଙ୍କା ଆଦାୟ କରାଯାଇଥିଲା। ରାତି ପ୍ରାୟ ୧୦ଟା ପର୍ଯ୍ୟନ୍ତ ୧୮ଟି କାର୍ ଚକରେ ତାଲା ପକାଯିବା ସହ ୯ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ସେହିପରି ଡ୍ରୋନ ଜରିଆରେ ୨୩ଜଣ ଟ୍ରାଫିକ ନିୟମ ଉଲ୍ଲଂଘନକାରୀଙ୍କଠାରୁ ମୋଟ ୧୧ ହଜାର ୫୦୦ ଟଙ୍କା ଆଦାୟ ହୋଇଥିବା ଟ୍ରାଫିକ ଏସିପି କିଶୋର କୁମାର ପାଣଗ୍ରାହୀ ସୂଚନା ଦେଇଛନ୍ତି।

ଏ ନେଇ କମିଶନରେଟ ମୁଖ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଟ୍ରାଫିକ ଡିସିପି ଅମରେଶ ପଣ୍ଡା କହିଛନ୍ତି, ବିଏମ୍‌ସି, ବିଡିଏ, ଏନ୍‌ଏଚ୍‌ଏଆଇ, ପୂର୍ତ୍ତ ବିଭାଗ ଏବଂ ଆରଟିଓ କର୍ମଚାରୀଙ୍କୁ ନେଇ ଆସନ୍ତା ୬ତାରିଖରେ ଏକ ସ୍ୱତନ୍ତ୍ର ବୈଠକ ବସିବ। ଏଥିରେ ଟ୍ରାଫିକ ସମସ୍ୟା ଦୂର ନେଇ ଆଲୋଚନା କରାଯିବ। ବିଏମ୍‌ସି ପାର୍କିଂ ଜାଗା ସମେତ ଏନ୍‌ଏଚ୍‌ଏଆଇ ଏବଂ ପୂର୍ତ୍ତ ବିଭାଗ ସୀମା ନିର୍ଦ୍ଧାରଣ କରିବା ପରେ ରାସ୍ତା କଡରେ ଥିବା ଧଳା ଲାଇନକୁ ଚିହ୍ନଟ କରାଯିବ। କେଉଁ ସ୍ଥାନରେ ପାର୍କିଂ କରାଯିବ ଓ କେଉଁଠାରେ କରାଯିବ ନାହିଁ, ତାହାକୁ ଭଲ ଭାବେ ଚିହ୍ନଟ କରାଯିବ। ଲୋକେ ଏହା ଅବଗତ ହେବା ପରେ ସମସ୍ୟାରେ ଅନେକ ସୁଧାର ଆସିପାରିବ। ଯେଉଁମାନେ ଏହାକୁ ଅବମାନନା କରିବେ ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସୂଚନାଯୋଗ୍ୟ, ଦୁଇଦିନ ତଳେ ଟ୍ରାଫିକ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାଇ ଦେଇଥିଲେ ପୋଲିସ କମିଶନର ଡ. ସୁଧାଂଶୁ ଷଡଙ୍ଗୀ। ଏପରି କି ଡ୍ରୋନ ମାଧ୍ୟମରେ ଟ୍ରାଫିକ ନିୟମ ଉଲ୍ଲଂଘନକାରୀଙ୍କ ଉପରେ ନଜର ରଖାଯାଇଥିଲା। ଟ୍ରାଫିକ ନିୟମ ଉଲ୍ଲଂଘନ କରୁଥିବା ଗାଡ଼ି ଚାଳକଙ୍କୁ ସଚେତନ କରାଯିବା ପରେ ସିଧାସଳଖ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ ପୋଲିସ କମିଶନର। ସେହି କ୍ରମରେ ବୁଧବାର ଟ୍ରାଫିକ ପୋଲିସ ପକ୍ଷରୁ ଉପରୋକ୍ତ କାର୍ଯ୍ୟନୁଷ୍ଠାନ ନିଆଯାଇଛି।

■ ବିଷ ପିଇ କଲେଜ ଛାତ୍ରଙ୍କ ଆତ୍ମହତ୍ୟା

## କଲେଜ କର୍ତ୍ତୃପକ୍ଷଙ୍କୁ ଦାୟୀ କଲେ ବାପା

**ବାରଙ୍ଗ, ୨୮।୮(ଡି.ଏନ୍.ଏ.)**

ଚନ୍ଦକା ଥାନା ଅଞ୍ଚଳରେ ଜଣେ କଲେଜର ଛାତ୍ର ବିଷପାନକରି ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିବାବେଳେ ବୁଧବାର ମୃତ୍ୟୁ ଘଟିଛି। ତେବେ ପୁଅର ଏହି ମୃତ୍ୟୁ ପାଇଁ ପଢୁଥିବା କଲେଜ କର୍ତ୍ତୃପକ୍ଷ ଦାୟୀ ବୋଲି ମୃତକଙ୍କ ବାପା ତଥା ବାଣପୁର ଥାନା ଅର୍ନ୍ତଗତ ଗମାରୁମୁଣ୍ଡା ଗ୍ରାମର ରତ୍ନାକର ପ୍ରଧାନ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇବା ପରେ ଚନ୍ଦକାଥାନା ଅଧିକାରୀ ଦେବେନ୍ଦ୍ର ବିଶ୍ୱାଳ ନଂ୧୫୧/୧୯ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ରତ୍ନାକରଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ପୁଅ ରୁଦ୍ରନନ୍ଦନ ପ୍ରଧାନ ଅନ୍ଧାରୁଆ ଗ୍ରାମପାଖ ଏକ ଘରୋଇ କଲେଜରେ ପାଠ ପଢୁଥିଲେ। କଲେଜରେ ଅନ୍ୟ ପିଲାମାନେ ର୍‌ୟାଗିଂ କରୁଥିବାବେଳେ ମୋର ପୁଅକୁ ଜୁଲାଇ୧୫ତାରିଖରେ କଲେଜ କର୍ତ୍ତୃପକ୍ଷ ଉଦ୍ଦେଶ୍ୟମୂଳକ ଭାବେ ସସପେଣ୍ଡ କରିଥିଲେ। ଏହାପରେ ମୋର ପୁଅ କଲେଜ ଛାଡ଼ି ଘରେ ଆସି ରହିଥିଲା। ସେହିଦିନଠାରୁ ସେ ମାନସିକ ଚାପରେ ରହୁଥିଲା। ଗତ ଅଗଷ୍ଟ ୧୮ରେ ବିଷପାନ କରିବା ଫଳରେ ତାକୁ ଖଣ୍ଡଗିରି ଅଞ୍ଚଳରେ ଥିବା ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ତେବେ ବୁଧବାର ତା'ର ମୃତ୍ୟୁ ହୋଇଥିବାବେଳେ ଏଥିପାଇଁ କଲେଜ କର୍ତ୍ତୃପକ୍ଷ ଦାୟୀ ବୋଲି ସେ ଦର୍ଶାଇଛନ୍ତି।

## ହଷ୍ଟେଲରୁ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ଭୁବନେଶ୍ୱର,୨୮।୮(ବ୍ୟୁରୋ)**

ନୟାପଲ୍ଲୀ ଥାନା ଅଞ୍ଚଳରେ ଥିବା ଏକ ଛାତ୍ରୀନିବାସରେ ବୁଧବାର ଜଣେ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ସେ ହେଲେ ଯାଜପୁର ଜିଲା ସୁକିନ୍ଦା ଅଞ୍ଚଳର ପ୍ରଜ୍ଞାପ୍ରିୟଦର୍ଶନୀ ସାହୁ(୨୪)। ସୂଚନା ମୁତାବକ, ବେହେରା ସାହି ପ୍ଲଟ ନମ୍ବର ୧୮୨୦ରେ ଥିବା ଲେଡିଜ ହଷ୍ଟେଲରେ ପ୍ରଜ୍ଞା ରହୁଥିଲେ। ସେ ଅନୁଗୋଳରେ ଏମଇଡି ପାଠ ପଢିବା ନେଇ ନାମଲେଖାଇଥିବା ବେଳେ ଏଠାରେ ରହି କମ୍ପିଟେଟିଭ ପରୀକ୍ଷା ପାଇଁ ପ୍ରସ୍ତୁତି ଚଳାଇଥିଲେ। ବୁଧବାର ସକାଳେ ସେ ଅନୁଗୋଳ ଯାଇ ଏମଇଡି ପାଠ୍ୟକ୍ରମକୁ ଭୁବନେଶ୍ୱରସ୍ଥିତ ଏକ କଲେଜରେ ପଢିବା ପାଇଁ ବୁଝାବୁଝି କରି ଅପରାହ୍ନରେ ଫେରିଥିଲେ। ସନ୍ଧ୍ୟାରେ ସେ ସାଙ୍ଗଙ୍କ ସହ ଦେଖା କରି ନିଜ ରୁମକୁ ଚାଲିଯାଇଥିଲେ। ତାଙ୍କର ସାଙ୍ଗମାନେ ସାଢେ ୭ଟା ବେଳକୁ ବଜାର ସାରି ଫେରିବା ବେଳକୁ ଭିତରୁ କବାଟ ବନ୍ଦ ରହିବା ସହ ଡାକିଲେ କୌଣସି ଉତ୍ତର ମିଳି ନ ଥିଲା। ଫଳରେ ବାଧ ହୋଇ କବାଟ ଭାଙ୍ଗିବା ବେଳେ ଫ୍ୟାନରେ ଓଢ଼ଣି ଲଗାଇ ପ୍ରଜ୍ଞା ଝୁଲୁଥିବାର ଦେଖିଥିଲେ। ତୁରନ୍ତ ପୋଲିସ ଏବଂ ତାଙ୍କ ପରିବାର ଲୋକଙ୍କୁ ସାଙ୍ଗମାନେ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରିବା ସହ କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ସେଠାରୁ ପୋଲିସ୍ ମୋବାଇଲ, ଇୟରଫୋନ୍ ଜବତ କରିଛି। ପରେ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି।

## ପ୍ଲାଷ୍ଟିକ୍ ସାମଗ୍ରୀର ପୁନଃ ଚକ୍ରଣ ପ୍ରକ୍ରିୟାରେ ବ୍ୟବହାର କରିବାକୁ ଆହ୍ୱାନ

**ଭୁବନେଶ୍ୱର, ୨୮।୮(ବ୍ୟୁରୋ)**



ଓଡିଏମ୍ ପବ୍ଲିକ ସ୍କୁଲରେ ବୁଧବାର 'ଇ-ୱେଷ୍ଟ ମ୍ୟାନେଜମେଣ୍ଟ' ଶୀର୍ଷକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଭୁବନେଶ୍ୱର ୱିପ୍ରୋ ଲିମିଟେଡ୍‌ର ପ୍ରକଳ୍ପ ଯନ୍ତ୍ରୀ ଦେବପ୍ରସାଦ ସାହୁ, ଏସ୍‌ଜିଆର୍ ପ୍ରାଇଭେଟ୍ ଲିମିଟେଡ୍ ନିର୍ଦ୍ଦେଶକ ନରସିଂହ ପାଣିଗ୍ରାହୀ, ଟିସିଏସ୍ ଲିମିଟେଡ୍ ଆଇଟି ବିଶେଷଜ୍ଞ ଜେ.ଇମ୍ରାନ ଅହମ୍ମଦ ଏବଂ କିଟ୍ ବିଶ୍ୱବିଦ୍ୟାଳୟର ଆସୋସିଏଟ ପ୍ରଫେସର ଡ. ହୃଦୟ କୁମାର ତ୍ରିପାଠୀ ଅତିଥି ଭାବେ ଯୋଗଦେଇଥିଲେ। ସେମାନେ ପରିବେଶ ପ୍ରଦୂଷଣର କାରଣ ଓ ଏହାର ନିରାକରଣ ସମ୍ପର୍କରେ ଆଲୋକପାତ କରିଥିଲେ। ଓଡିଏମ୍ ଶିକ୍ଷାନୁଷ୍ଠାନ ସମୂହର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ଡ. ସତ୍ୟବ୍ରତ ମୀନକେତନଙ୍କ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ବର୍ଜ୍ୟବସ୍ତୁଗୁଡ଼ିକ କିଭଳି ପରିବେଶରେ ଅସନ୍ତୁଳନ ଅବସ୍ଥା ସୃଷ୍ଟି କରି ସ୍ୱାସ୍ଥ୍ୟଗତ ସମସ୍ୟା ଉପୁଯାଉଛି ତାହା ଉଦ୍‌ବେଗର କାରଣ ବୋଲି ମତପ୍ରକାଶ କରିଥିଲେ। ଏଥିସହ ପ୍ଲାଷ୍ଟିକ ସାମଗ୍ରୀର ପୁନଃ ଚକ୍ରଣ ପ୍ରକ୍ରିୟା ଏବଂ ଏହାର ସୁବ୍ୟବହାର କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ନିର୍ଦ୍ଦେଶିକା ଇନ୍ଦୁମତୀ ରାୟ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମକୁ ଯୁକ୍ତ୨ ବିଭାଗର କେ. ଏସ୍. ନିବେଦିତା ମହାରଣା ଏବଂ ଅଜୟ କୁମାର ସେନାପତି ପରିଚାଳନା କରିଥିଲେ।

## ଚୋରି ଅଭିଯୋଗରେ ଦୁଇ ଗିରଫ

**ପୁରୁଣା ଭୁବନେଶ୍ୱର, ୨୮।୮(ଡି.ଏନ୍.ଏ.)**

ଧଉଳି ଥାନା ଅଧୀନ ଇନ୍ଦିରା କଲୋନୀରୁ ଚୋରି କରିବା ଅଭିଯୋଗରେ ବୁଧବାର ପୋଲିସ ଦୁଇଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତଦ୍ୱୟ ହେଲେ ସ୍ଥାନୀୟ ନାଥପୁର ଅଞ୍ଚଳର ରାଜେଶ ସ୍ୱାଇଁ(୩୦) ଏବଂ ଦୀପକ ସ୍ୱାଇଁ (୨୬)। ପୋଲିସ ସୂଚନା ମୁତାବକ, ଅଭିଯୁକ୍ତ ଦ୍ୱୟ ୨ ମାସ ତଳେ ଇନ୍ଦିରାକଲୋନୀରେ ରହୁଥିବା ସୌମ୍ୟରଞ୍ଜନ ବରାଳଙ୍କ ଘରୁ ୪ଟି ମୋବାଇଲ ଏବଂ ୨ ହଜାର ଟଙ୍କା ଚୋରି କରି ନେଇଥିଲେ। ଅଭିଯୋଗ ପରେ ପୋଲିସ ନଂ.୧୧୭/୧୯ରେ ମାମଲା ରୁଜୁ କରିଥିଲା। ପରେ ଚୋରି ମୋବାଇଲ ନମ୍ବରକୁ ଟ୍ରାକ୍ କରି ଅଭିଯୁକ୍ତଙ୍କୁ ଧରିବାରେ ପୋଲିସ ସଫଳ ହୋଇଥିଲା। ଉଭୟଙ୍କଠାରୁ ୩ଟି ମୋବାଇଲ ଜବତ ହୋଇଛି।

■ ଆର୍‌ପିଏଫ୍‌ର 'ସକ୍ଷମ' ଟ୍ରେନିଂ

## ଯାତ୍ରୀଙ୍କୁ କରିବ ମାର୍ଜିତ ବ୍ୟବହାର

**ଭୁବନେଶ୍ୱର, ୨୮।୮(ବ୍ୟୁରୋ)**



'ସକ୍ଷମ' ଟ୍ରେନିଂରେ ଭାଗ ନେଇଥିବା ଆର୍‌ପିଏଫ କର୍ମଚାରୀ।

ରେଳ ସୁରକ୍ଷା ବଳ(ଆରପିଏଫ୍) ପକ୍ଷରୁ ସୋମବାରଠାରୁ ୫ଦିନିଆ 'ସକ୍ଷମ' ତାଲିମ୍ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଆରପିଏଫ୍ ଯାତ୍ରୀଙ୍କ ସହ ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବା ହେଉଛି ଏହି ତାଲିମର ମୂଳ ଲକ୍ଷ୍ୟ। ଏବେ ପୂର୍ବତଟ ରେଳପଥର ସବୁ ଆରପିଏଫ ଥାନାରେ ଏହି ତାଲିମ କାର୍ଯ୍ୟକ୍ରମ କରାଯାଉଛି। ବୁଧବାର ଭୁବନେଶ୍ୱର ମୁଖ୍ୟ ରେଳ ଷ୍ଟେଶନରେ 'ସକ୍ଷମ'ର ତୃତୀୟ ଦିନ ଥିଲା। ଭୁବନେଶ୍ୱର ଥାନାଧିକାରୀ କାଲୁ ସେଠୀ ପ୍ରଶିକ୍ଷକ ଭାବେ ପୋଷ୍ଟର କର୍ମକର୍ତ୍ତାମାନଙ୍କୁ 'ସୂକ୍ଷ୍ମ କୌଶଳ' ବିଷୟରେ ବୁଝାଇଥିଲେ। ଆରପିଏଫ ନିଯୁକ୍ତି ପାଇବା ଦିନଠାରୁ 'କଠିନ କୌଶଳ' ଶିଖି ଆସିଛି। ଯାହା ସାଧାରଣ ଯାତ୍ରୀ ପକ୍ଷେ ଗ୍ରହଣ କରିବା କଷ୍ଟକର। ବଦଳୁଥିବା ସମୟ ସହ ଆରପିଏଫକୁ ବି ଯାତ୍ରୀଙ୍କୁ ମାର୍ଜିତ ବ୍ୟବହାର ପ୍ରଦର୍ଶନ କରିବାର ଆବଶ୍ୟକ ପଡିଛି ବୋଲି ଥାନାଧିକାରୀ ସେଠୀ କହିଛନ୍ତି। ତାଲିମ୍‌ରେ ସୂକ୍ଷ୍ମ କୌଶଳ ସହ ଟ୍ରେନ ଏକ୍ସଟିଂ, ଲିଙ୍ଗଗତ ସମ୍ବେଦନଶୀଳତା, ଶିଶୁ, ବୟସ୍କ ଓ ନିରାଶ୍ରୟମାନଙ୍କ ଯତ୍ନ, ମାନବ ଅଧିକାର, ଉନ୍ନତ ସୁରକ୍ଷା ଉପକରଣର ବ୍ୟବହାର ଓ ଏନଡିପିଏସ ଆକ୍ଟ ବି ସାମିଲ ଅଛି। କାର୍ଯ୍ୟକ୍ରମରେ କାଲୁ ସେଠୀଙ୍କ ସହ ଭୋଗୁରାମ ଘୋଟିଆ ମଧ ତାଲିମ ଦେଉଛନ୍ତି।

## ନିଖିଳ ଉତ୍କଳ ବୈଦିକ ପରିଷଦର ସାଧାରଣ ସଭା

**ଭୁବନେଶ୍ୱର, ୨୮।୮(ବ୍ୟୁରୋ)**

ନିଖିଳ ଉତ୍କଳ ବୈଦିକ ପରିଷଦ ପକ୍ଷରୁ ଅନ୍ଧାରୁଆ ସ୍ଥିତ ଦଧିବାମନ ଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ପରିଷଦର ଦ୍ୱାଦଶତମ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ବିଭିନ୍ନ ଅଞ୍ଚଳରୁ ପ୍ରାୟ ୮୦ରୁ ଊର୍ଦ୍ଧ୍ୱ ବିଦ୍ୱାନ ବ୍ରାହ୍ମଣଙ୍କ ସମାଗମ ହୋଇଥିଲା। ଉକ୍ତ ବୈଠକରେ ବ୍ରାହ୍ମଣମାନଙ୍କ ମୌଳିକ ସମସ୍ୟା ସମ୍ପର୍କରେ ଆଲୋଚନା କରାଯିବା ସହ କିପରି ସମାଧାନ କରାଯିବ ତା' ଉପରେ ଗୁରୁତ୍ୱ ଦିଆଯାଇଥିଲା। ପରେ ନୂତନ ସଦସ୍ୟମାନଙ୍କୁ ସ୍ୱାଗତ କରାଯାଇଥିଲା। ସଭାରେ ବେଦ ବେଦାନ୍ତ ଓ ଶାସ୍ତ୍ର ବିଷୟରେ ଆଲୋଚନା କରାଯାଇଥିଲା। ପରିଷଦର ସଭାପତି ଉଲ୍ଲାସ ଚନ୍ଦ୍ର ମିଶ୍ର ସଭାପତିତ୍ୱ କରିଥିବାବେଳେ ଅମୂଲ୍ୟ ଦାଶ ସମ୍ପାଦନା କରିଥିଲେ।

## ଚାରାରୋପଣ କାର୍ଯ୍ୟକ୍ରମ



**ଭୁବନେଶ୍ୱର, ୨୮।୮**

କ୍ୟାପିଟାଲ ହାଇସ୍କୁଲ ୧୯୮୦ ବ୍ୟାଚ୍ ପକ୍ଷରୁ ସ୍ଥାନୀୟ କ୍ୟାପିଟାଲ ହସ୍ପିଟାଲ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଭାପତି ଇଞ୍ଜିନିୟର ସରୋଜ ସାହୁ ଏବଂ ବୈକୁଣ୍ଠ ତ୍ରିପାଠୀଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମରେ ୨୦ ବ୍ୟକ୍ତିବିଶେଷ ଯୋଗଦେଇ ଚାରାରୋପଣ କରିଥିଲେ। ଏଥିରେ କ୍ୟାପିଟାଲ ହସ୍ପିଟାଲର ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଡକ୍ଟର ଧନଞ୍ଜୟ ଦାସ, ଡ. ଅମ୍ବିକା ପ୍ରଶାଦ ମିଶ୍ର, ଡ. ରାଜୀବ ଜେନା ଏବଂ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

## ଇଣ୍ଡିଆନ୍ ଅଏଲ୍ ପକ୍ଷରୁ ଚାରାରୋପଣ

**ଭୁବନେଶ୍ୱର, ୨୮।୮**



ଇଣ୍ଡିଆନ୍ ଅଏଲ ପକ୍ଷରୁ ପୁରୀ ସହରରେ ବନୀକରଣ ଲାଗି ପ୍ରୟାସ ଆରମ୍ଭ କରାଯାଇଛି। କମ୍ପାନୀ ପକ୍ଷରୁ ବୁଧବାର ଚାରାରୋପଣ କରାଯାଇଥିଲା। ପରିବେଶ ଅସନ୍ତୁଳନକୁ ରୋକିବା ଦିଗରେ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିବା ଇଣ୍ଡିଆନ ଅଏଲ ଓଡିଶା କାର୍ଯ୍ୟାଳୟର ସିଜିଏମ ଶୁଭଜିତ ଘୋଷ କହିଛନ୍ତି। ଫନୀ ପରେ ପ୍ରଭାବିତ ସବୁଜିମାକୁ ଫେରାଇ ଆଣିବା ଦିଗରେ ଏଭଳି କାର୍ଯ୍ୟକ୍ରମ ସହାୟକ ହେବ ବୋଲି ସେ ଗୁରୁତ୍ୱାରୋପ କରିଛନ୍ତି। ପୁରୀ ଜିଲାର ସତ୍ୟବାଦୀ ବ୍ଲକରେ ବନୀକରଣ କାର୍ଯ୍ୟକ୍ରମକୁ ଘୋଷ ଶୁଭାରମ୍ଭ କରିଛନ୍ତି। ଆଇଓସିର ବରିଷ୍ଠ ଅଧିକାରୀମାନେ ୩ ଏକର ଜମିରେ ୭୦୦ ଚାରାରୋପଣ କରିଥିଲେ। କାର୍ଯ୍ୟକ୍ରମକୁ ପୁରୀ ବିଧାୟକ ଜୟନ୍ତ ଷଡଙ୍ଗୀ ପ୍ରଶଂସା କରିଛନ୍ତି।

# ସ୍କୁଲ ଫାଟକରେ ତାଲା ପକାଇଲେ ଗ୍ରାମବାସୀ

**ବାରଙ୍ଗ/ ନରାଜ, ୨୮।୮(ଡି.ଏନ୍.ଏ.)**



ସ୍କୁଲରେ ତାଲା ପଡ଼ିଥିବାରୁ ଛାତ୍ରୀଛାତ୍ରମାନେ ବାହାରେ ଅପେକ୍ଷା କରିଛନ୍ତି।

ବାରଙ୍ଗ ବ୍ଲକ ଶିକ୍ଷା ମଣ୍ଡଳ ଅଧୀନସ୍ଥ ପଞ୍ଚୁପାଳ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବ ଓ ଶିକ୍ଷା ଦାନରେ ବାଧାପ୍ରାପ୍ତ ହେଉଥିବା ପ୍ରତିବାଦରେ ବୁଧବାର ଗ୍ରାମବାସୀ ଓ ଗ୍ରାମ୍ୟ କମିଟି ପକ୍ଷରୁ ସ୍କୁଲ ଫାଟକରେ ତାଲା ପକାଇବା ଦେଖିବାକୁ ମିଳିଛି। ସ୍କୁଲର ଛାତୀଛାତ୍ର ଶିକ୍ଷକ ଶିକ୍ଷୟତ୍ରୀମାନେ ଠିକ୍ ସମୟରେ ସ୍କୁଲକୁ ଆସିଥିବା ବେଳେ ସ୍କୁଲ ବାହାରେ ଛିଡା ହୋଇରହିଥିଲେ। ଖବରପାଇ ଏବିଓ ପହଞ୍ଚି ଅଭିଭାବକ ଓ ଗ୍ରାମବାସୀଙ୍କୁ ବୁଝାସୁଝା କରିଥିଲେ ମଧ ଜିଦରୁ ହଟି ନ ଥିଲେ। ଏପରିକି ଶିକ୍ଷକ ନଆସିବା ପର୍ଯ୍ୟନ୍ତ ପିଲାମାନେ ସ୍କୁଲକୁ ଆସିବେ ନାହିଁ ବୋଲି ରୋକଠୋକ କହିଥିଲେ। ସୂଚନା ମୁତାବକ, ପଞ୍ଚୁପାଳ ଉପ୍ରା ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୧୨୦ଜଣ ପିଲା ପାଠ ପଢୁଛନ୍ତି। ଏହି ବିଦ୍ୟାଳୟ ପାଇଁ ୫ଜଣ ଶିକ୍ଷକ ନିଯୁକ୍ତି ହୋଇଥିଲେ। କିନ୍ତୁ ଗତ ମାସରେ ଗୋଟିଏ ଶିକ୍ଷକଙ୍କୁ ଚଣ୍ଡିପ୍ରସାଦ ସ୍କୁଲକୁ ଡେପୁଟେଶନରେ ପଠାଯାଇଥିଲା। ଯାହାକୁ ନେଇ ଅଭିଭାବକମାନେ ବ୍ଲକଶିକ୍ଷା ଅଧିକାରୀଙ୍କୁ ସାକ୍ଷାତ କରି ଆବଶ୍ୟକତାକୁ ଦେଖି ତୁରନ୍ତ ଆଉ ଗୋଟେ ଶିକ୍ଷକଙ୍କୁ ଦେବାକୁ ଦାବି କରିଥିଲେ। ପ୍ରତିଶ୍ରୁତି ମିଳି ଥିଲେ ମଧ ଶିକ୍ଷକ ଆସି ନ ଥିଲେ। ଏହାପରେ ଅଭିଭାବକମାନେ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀଙ୍କୁ ଭେଟି ଅଭିଯୋଗ କରିଥିଲେ। ୭ଦିନ ମଧ୍ୟରେ ଶିକ୍ଷକ ନିଯୁକ୍ତି ମିଳିଯିବ ବୋଲି ବ୍ଲକ ଶିକ୍ଷାଧିକାରୀ ବିଧାୟକଙ୍କୁ କହିଥିଲେ ମଧ ତାହା କାର୍ଯ୍ୟକାରୀ ହୋଇ ନ ଥିଲା ବୋଲି ଅଭିଭାବକ ରଣଜିତ ବିଶୋଇ ଅଭିଯୋଗ କରିଛନ୍ତି। ଏଭଳି ଦିନ ଗଡିଚାଲିଥିବାରୁ ଶେଷରେ ଅଭିଭାବକମାନେ ମିଶି ବୁଧବାର ସ୍କୁଲ ଖୋଲିବା ପରେ ବିଦ୍ୟାଳୟ ଫାଟକରେ ତାଲା ପକାଇଥିଲେ। ୨ ଘଣ୍ଟାପରେ ମଧ୍ୟାହ୍ନ ୧୨ଟାରେ ଏବିଓ ଭାରତୀ ଆଚାର୍ଯ୍ୟ ପହଞ୍ଚି ଗ୍ରାମବାସୀ ଓ ଅଭିଭାବକମାନଙ୍କୁ ବୁଝାସୁଝା କରିବା ସହ ୫ଦିନ ମଧରେ ଶିକ୍ଷକଙ୍କୁ ନିଯୁକ୍ତିର ପ୍ରତିଶ୍ରୁତି ଦେଇଥିଲେ କେହି ଶୁଣି ନ ଥିଲେ। ପରେ ଶିକ୍ଷକ ନ ଆସିବା ପର୍ଯ୍ୟନ୍ତ ଜଣେ ଆଞ୍ଚଳିକ ସାଧନା କେନ୍ଦ୍ର ସଂଯୋଜକ ବିଦ୍ୟାଳୟରେ ପାଠ ପଢାଇବାର ବ୍ୟବସ୍ଥା କରିବୁ ବୋଲି ଏବିଓ ପ୍ରତିଶ୍ରୁତି ଦେଇଥିଲେ।



ଭିତର ଚେତନାର ପରିବର୍ତ୍ତନ ନ ହେଲେ ବାହାର ପରିବର୍ତ୍ତନର କିଛି ମୂଲ୍ୟ ନାହିଁ;
କାରଣ ପ୍ରଖର ବୁଦ୍ଧି ଥିଲେ ବି ଜଣେ ଅଜ୍ଞାନ ଭାବରେ କାର୍ଯ୍ୟ କରିପାରେ।
-ମନୋଜ ଦାସ



## ସଂକ୍ଷେପରେ

### ଗୋଡ଼ ଯନ୍ତ୍ରଣାରୁ ଯୁବକଙ୍କ ଆତ୍ମହତ୍ୟା

**ମାହାଙ୍ଗା/ଲଳିତଗିରି, ୨୮।୮(ସ୍ୱ.ପ୍ର.):** ମାହାଙ୍ଗା ଥାନା ଅନ୍ତର୍ଗତ ଶ୍ରୀକୃଷ୍ଣପୁର ପଞ୍ଚାୟତ ପଶୁଲୁଣ୍ଡା ଗ୍ରାମର ଦଳିତ ସାହିରେ ବୁଧବାର ଜଣେ ବିବାହିତ ଯୁବକ ଦୌଡିଦେଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଏହି ଗ୍ରାମର ଅଭୟ ଜେନା (୪୭)। ଏନେଇ ତାଙ୍କ ପୁଅ ଜ୍ଞାନେନ୍ଦ୍ର ଜେନା ମାହାଙ୍ଗା ଥାନାରେ ଅଭିଯୋଗ କରିଛନ୍ତି। ଏହାକୁ ଭିତ୍ତିକରି ଥାନାରେ ମାମଲା (ନଂ.୧୨/୧୯)ରୁଜୁ କରାଯାଇଛି। ଅଭିଯୋଗ ଅନୁଯାୟୀ, ଗତ କିଛିଦିନ ତଳେ ଅଭୟଙ୍କ ଗୋଡ ଭାଙ୍ଗି ଯାଇଥିଲା। ଏନେଇ ସେ ଯନ୍ତ୍ରଣା ଅନୁଭବ କରିବା ସହ ମାନସିକସ୍ତରରେ ଚାପଗ୍ରସ୍ତ ରହି ଆତ୍ମହତ୍ୟା କରିଛନ୍ତି। ଅଭିଯୋଗ ପରେ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କଟକ ବଡମେଡିକାଲ ପଠାଇଛି।

### ବନ୍ଧୁକ ଦେଖାଇ ୨ ଲକ୍ଷ ଟଙ୍କା ଲୁଟ୍

**ବଡମ୍ବା,୨୮।୮ (ଡି.ଏନ୍.ଏ):** ବଡମ୍ବା ବ୍ଲକ୍ ଅନ୍ତର୍ଗତ ସାନବାରସିଂହ ଛକ ନିକଟରେ ବୁଧବାର ସ୍ପଷ୍ଟ ଦିବାଲୋକରେ ଜଣେ ବ୍ୟକ୍ତିଙ୍କଠାରୁ ୨ଜଣ ଦୁର୍ବୃତ୍ତ ୨ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ଏନେଇ ବଡ଼ମ୍ବା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ବଡବାରସିଂହ ଗ୍ରାମର ନବଘନ ସ୍ୱାଇଁ ସ୍ଥାନୀୟ ଷ୍ଟେଟ୍ ବ୍ୟାଙ୍କରୁ ଦିନ ପ୍ରାୟ ୧୧ଟା ବେଳେ ନଗଦ ଟଙ୍କା ଉଠାଇ ବାଇକ୍‌ରେ ଘରକୁ ଫେରୁଥିଲେ। ଏହି ସମୟରେ ସାନବାରସିଂହ ଛକ ନିକଟରେ ଏକ ବାଇକ୍‌ରେ ୨ ଜଣ ଦୁର୍ବୃତ୍ତ ଆସି ତାଙ୍କୁ ଅଟକାଇବା ସହ ଅତର୍କିତଭାବେ ଆକ୍ରମଣ କରିଥିଲେ । ଏଥିରେ ଅଭିଯୋଗକାରୀ ନବଘନ ତଳେ ପଡିଯାଇଥିଲେ। ଏହାପରେ ତାଙ୍କୁ ବନ୍ଧୁକ ଦେଖାଇ ଦୁର୍ବୃତ୍ତମାନେ ଟଙ୍କା ଭର୍ତ୍ତି ଥିବା ବ୍ୟାଗ ନେଇ ନରସିଂହପୁର ଅଭିମୁଖେ ଚାଲିଯାଇଥିଲେ । ଅଭିଯୋଗକୁ ଭିତ୍ତି କରି ଥାନାରେ ମାମଲା (ନଂ.୧୬୭/୧୯) ରୁଜୁ କରାଯାଇ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଉଛି ବୋଲି ପୋଲିସ କହିଛି।

### କଟକ-ଚାନ୍ଦବାଲି ରାସ୍ତାରେ ଗାଡ଼ି ଯାଞ୍ଚ: ୧୦ ହଜାର ଜରିମାନା ଆଦାୟ

**ନିଶ୍ଚିନ୍ତକୋଇଲି, ୨୮।୮(ସ୍ୱ.ପ୍ର.):** ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ କଟକ-ଚାନ୍ଦବାଲି ରାସ୍ତାର ଶୁକରପଡା ଡାକବଙ୍ଗଳା ନିକଟରେ ବୁଧବାର ଗାଡ଼ି ଯାଞ୍ଚ କରାଯାଇ ୧୦,୧୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। କଟକ ଏମ୍‌ଭିଆଇ ଓ ନିଶ୍ଚିନ୍ତକୋଇଲି ଥାନା ମିଳିତ ଆନୁକୂଲ୍ୟରେ ଏହି ଯାଞ୍ଚ ହୋଇଥିଲା। ଏହି ଅବସରରେ ମଦପିଇ ଗାଡ଼ି ଚଳାଉଥିବା ୫ ଜଣ ବ୍ୟକ୍ତିଙ୍କଠାରୁ, ସିଟ୍ ବେଲ୍ଟ ବାନ୍ଧି ନ ଥିବା ୮ ଜଣଙ୍କଠାରୁ ଓ ହେଲମେଟ ପିନ୍ଧିନଥିବା ୯୯ ଜଣଙ୍କ ନିକଟରୁ ଟଙ୍କା ଆଦାୟ କରାଯାଇଥିଲା। ଏହି ସମୟରେ ନିଶ୍ଚିନ୍ତକୋଇଲି ଥାନା ଅଧିକାରୀ ଶୁଭ୍ରାଂଶୁ ଶେଖର ପରିଡା,ଏସ୍‌ଆଇ ରମାକାନ୍ତ ଜେନା, ଏଏସଆଇ ଏମସି ଜଗତି ଓ ପିକେ ଦାସଙ୍କ ସମେତ କଟକ ଏଆରଟିଓ ରାଜେଶ କୁମାର ମାରାଣ୍ଡି,ଟ୍ରାଫିକ ଇନ୍‌ସ୍ପେକ୍ଟର ହରେକୃଷ୍ଣ ମହାପାତ୍ର,ଜୁନିଅର ଏମଭିଆଇ ସଲିଳ କୁମାର ସେଠୀ ଏବଂ ମଳୟ ପୃଷ୍ଟି ଉପସ୍ଥିତ ଥିଲେ।

# କଟକ ସହରରେ ଗ୍ୟାସ ଠକେଇ

- ‘ଜାଗୋ ଗ୍ରାହକ ଜାଗୋ’ରେ ଅଭିଯୋଗ
- ପେଟ୍ରୋଲିୟମ ମନ୍ତ୍ରୀଙ୍କୁ ଟୁଇଟ୍ କଲେ ଗ୍ରାହକ

**କଟକ ଅଫିସ,୨୮।୮**

ଠକାମିର ଶିକାର ହେଉଛନ୍ତି ଉପଭୋକ୍ତା। ନିର୍ଦ୍ଧାରିତ ଓଜନ ତୁଳନାରେ କମ୍ ଓଜନର ଗ୍ୟାସ ସିଲିଣ୍ଡର ଦିଆଯାଉଛି। ରୋଷେଇ କରିବାର ଅଳ୍ପଦିନ ଭିତରେ ଗ୍ୟାସ ଶେଷ ହେଇଯାଉଛି। ଫଳରେ ନୂତନ ରନ୍ଧନ ଗ୍ୟାସ ପାଇଁ ବୁକ କରିବାକୁ ପଡୁଛି। ଯଦି ଏ ନେଇ ପ୍ରଶ୍ନ କରାଯାଉଛି ତେବେ ଏଜେନ୍ସି ତରଫରୁ ମିଳୁଛି ଧମକ। କଟକ ବାଲୁବଜାର–ନିମଚୌଡ଼ି ଅଞ୍ଚଳରେ ଏପରି ଘଟଣା ନିୟମିତ ଘଟୁଥିବା ଜଣାପଡ଼ିଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳର ଜଣେ ବ୍ୟକ୍ତି କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଟୁଇଟ କରିବା ସହ ଜାଗୋ ଗ୍ରାହକ ଜାଗୋ ଖାଉଟି ସୁରକ୍ଷା ସେଲରେ ଅଭିଯୋଗ କରିଛନ୍ତି। ଏହାପରେ ନିର୍ଦ୍ଦିଷ୍ଟ ଗ୍ୟାସ ଏଜେନ୍ସି ମାଲିକଙ୍କୁ ଲାଲବାଗ ଥାନା ପୋଲିସ ଡାକି ପଚରାଉଚରା କରିଛି। ସ୍ଥାନୀୟ ଅଞ୍ଚଳବାସୀ ଏ ନେଇ ଆଗାମୀ ଦିନରେ ଏକ ବୈଠକ ଡାକିବେ ବୋଲି ସୂଚନା ମିଳିଛି।

ଅଭିଯୋଗ ଆଣିଥିବା ବାଲୁବଜାର ଅଞ୍ଚଳର ଓମପ୍ରକାଶ ଅଗ୍ରୱାଲ କହିଛନ୍ତି, ଗତ ୨୬ତାରିଖରେ ସେ ଗ୍ୟାସ ସିଲିଣ୍ଡର ଘରକୁ ଆଣିଥିଲେ। ଗ୍ୟାସରେ ୩୦କେଜି ୬୦୦ଗ୍ରାମ ଓଜନ ବୋଲି ଉଲ୍ଲେଖ ଥିଲା। ମାତ୍ର ସିଲିଣ୍ଡରକୁ ଟେକିବା ବେଳେ ଏହା କମ୍ ଥିବା ଓମପ୍ରକାଶଙ୍କର ସନ୍ଦେହ ଉପୁଜିଥିଲା। ପୂର୍ବରୁ ଗ୍ୟାସ ଜଲଦି ଶେଷ ହୋଇ ଯାଉଥିବା ଓମପ୍ରକାଶ ତାଙ୍କ ପରିବାର ଲୋକଙ୍କଠାରୁ ଶୁଣିଥିଲେ। ତେଣୁ ସେ ସିଲିଣ୍ଡରଟିକୁ ଓଜନ କରିବାରୁ ଏହା ୨୮କେଜି ୨୦୦ଗ୍ରାମ ହୋଇଥିଲା। ଲଗାତାର ଭାବେ ସମ୍ପୃକ୍ତ ଗ୍ୟାସ ଏଜେନ୍ସି ତାଙ୍କୁ ଠକୁଛି ବୋଲି ସେ ନିଶ୍ଚିତ ହୋଇଥିଲେ। ପ୍ରଥମେ ଏଜେନ୍ସିର ମାଲିକଙ୍କୁ ଯୋଗାଯୋଗ କରି ଏ ସଂକ୍ରାନ୍ତରେ ଅଭିଯୋଗ କରିଥିଲେ। ସେହିଦିନ ଏଜେନ୍ସିର କିଛି କର୍ମଚାରୀ ଆସି ଓମପ୍ରକାଶଙ୍କ ଘରେ ପହଞ୍ଚିଥିଲେ। କର୍ମଚାରୀଙ୍କ ଉପସ୍ଥିତିରେ ୩ ଥର ନୂତନ ଓଜନକଣ୍ଟାରେ ମାପ ହୋଇଥିଲେ ମଧ୍ୟ ସବୁଥର ଓଜନ କମ୍ ଆସିଥିଲା। ପରେ କର୍ମଚାରୀମାନେ ସିଲିଣ୍ଡରଟିକୁ ନେଇଯିବା ପାଇଁ କହିଥିଲେ। ହେଲେ ଓମପ୍ରକାଶ ସିଲିଣ୍ଡର ଦେଇ ନ ଥିଲେ । ଫଳରେ କର୍ମଚାରୀମାନେ ତାଙ୍କୁ ଗାଳିଗୁଲଜ କରିଥିଲେ। ଏ ନେଇ ସେ ଲାଲବାଗ ଥାନାରେ ଅଭିଯୋଗ ମଧ୍ୟ କରିଥିଲେ। ଲାଲବାଗ ଥାନାର ଏକ ପିସିଆର୍ ଆସି କେବଳ ଘଟଣା ବୁଝି ଚାଲି ଯାଇଥିଲା ବୋଲି ଓମପ୍ରକାଶ କହିଛନ୍ତି। ଏହା ପରେ ସେ ‘ଜାଗୋ ଗ୍ରାହକ ଜାଗୋ’ ଖାଉଟି ସୁରକ୍ଷା ସେଲକୁ ଏକ ମେଲ୍ ଯୋଗେ ଅଭିଯୋଗପତ୍ର ପଠାଇଥିଲେ। ଏଥିସହ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଟୁଇଟ ମଧ୍ୟ କରିଛନ୍ତି। ଅଭିଯୋଗ ପରେ ଏକ ଜାତୀୟ ପେଟ୍ରୋଲିୟମ କମ୍ପାନୀର ଏମ୍‌ଡି ଓମପ୍ରକାଶଙ୍କୁ ଫୋନ କରି ସିଲିଣ୍ଡରକୁ ଏଜେନ୍ସି ନିକଟରେ ତୁରନ୍ତ ଦାଖଲ କରିବାକୁ କହିଛନ୍ତି। ସିଲିଣ୍ଡର ଫେରାଇ ଦେବା କୌଣସି ବଡ଼ କଥା ନୁହେଁ, ହେଲେ ଏଭଳି ଦୁର୍ନୀତିକୁ ରୋକିବା ପାଇଁ ଚେଷ୍ଟା କରାଯାଉ ବୋଲି ଓମପ୍ରକାଶ କହିଛନ୍ତି।






ସଭାରେ ଯୋଗଦେଇଥିବା ସାହିତ୍ୟିକ ଓ ଅନ୍ୟମାନେ ।

■ ବର୍ଣ୍ଣବୋଧ ପୋଡ଼ି ଘଟଣାକୁ ସମାଲୋଚନା

## ଥାନାରେ ଅଭିଯୋଗ କରିବ ସାହିତ୍ୟ ସମାଜ

**ବଡମ୍ବା,୨୮।୮ (ଡି.ଏନ୍.ଏ)**

ଓଡ଼ିଆ ଭାଷାକୁ ତାଚ୍ଛଲ୍ୟ କରିବା ଏବଂ ବର୍ଣ୍ଣବୋଧ ବହିକୁ ପୋଡ଼ାଯିବା ପ୍ରତିବାଦରେ ବଡ଼ମ୍ବା ସାହିତ୍ୟ ସମାଜ ତରଫରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଏନେଇ ବୁଧବାର ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ବୈକୁଣ୍ଠ ସାହିତ୍ୟ ସମାଜର ସଭାପତି ଆଇନଜୀବୀ ସୂର୍ଯ୍ୟନାରାୟଣ ମିଶ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ । ନିଜିଗଡ ବଡଦାଣ୍ଡସାହି ସ୍ଥିତ ରାମକୃଷ୍ଣ ମିଶନ୍ ପ୍ରାର୍ଥନାଳୟରେ ଆୟୋଜିତ ଏହି ସଭାରେ ବଡମ୍ବା ଅଞ୍ଚଳର ଅନେକ ସାହିତ୍ୟିକ ଯୋଗଦେଇଥିଲେ। ସଭାରେ ବର୍ଣ୍ଣବୋଧ ପୋଡ଼ି ଘଟଣାକୁ ସମାଲୋଚନା କରାଯାଇଥିବାବେଳେ ଏନେଇ ଥାନାରେ ଅଭିଯୋଗ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ଓଡ଼ିଆ ଭାଷା ଏକ ପ୍ରାଚୀନ ଭାଷା ହୋଇଥିବାବେଳେ ଏହାକୁ ଶାସ୍ତ୍ରୀୟ ମାନ୍ୟତା ମିଳିଛି। ଏହାକୁ କୌଣସି ଗୋଷ୍ଠୀ ବା ସଂଗଠନ ଦ୍ୱାରା ଉପହାସ କରାଯାଇ ବର୍ଣ୍ଣବୋଧ ବହି ପୋଡ଼ିବା ଅତ୍ୟନ୍ତ ନିନ୍ଦନୀୟ ବୋଲି ସଭାରେ ମତପ୍ରକାଶ ପାଇଥିଲା । ବୈଠକରେ ବଡମ୍ବା ଓକିଲ ସଂଘ ସଭାପତି ତଥା ସ୍ତମ୍ଭକାର କୈଳାସ ଚନ୍ଦ୍ର ଜେନା, ପୂର୍ବତନ ସଭାପତି ହରିହର ବଳବନ୍ତରାୟ, ପ୍ରାଣଯୋଗ ପ୍ରତିଷ୍ଠାନର ଅଧ୍ୟକ୍ଷ ଚନ୍ଦ୍ରଶେଖର ମହାନ୍ତି, ଗଣସାହିତ୍ୟ ସାମ୍ମୁଖ୍ୟ ସଭାପତି ଧ୍ରୁବ ରଣା, ବିକଚ ସାହିତ୍ୟ ସଂସଦର ଆବାହକ କାଳନ୍ଦୀ ଚନ୍ଦ୍ର ମିଶ୍ର ଓ ନାଗରିକ ମଞ୍ଚ ସମ୍ପାଦକ ଅମୀୟ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ।

■ ବିଦ୍ୟାପୀଠରେ ପଲ୍ଲୀକବି ନନ୍ଦକିଶୋର ବଳଙ୍କ ପ୍ରତିମୂର୍ତ୍ତିକୁ ଅସମ୍ମାନ

## ପ୍ରତିମୂର୍ତ୍ତି ସ୍ଥାପନ ମଣ୍ଡପ ପାଲଟିଛି ପାର୍କିଂସ୍ଥଳ



ପ୍ରତିମୂର୍ତ୍ତି ସ୍ଥାପନ ହୋଇଥିବା ମଣ୍ଡପରେ ବାଇକ ଓ ସାଇକେଲ ପାର୍କିଂ କରାଯାଇଛି।

**ମାହାଙ୍ଗା/ଲଳିତଗିରି,୨୮।୮(ସ୍ୱ.ପ୍ର.)**

ମାହାଙ୍ଗା ହେଉଛି ଏକ ଐତିହ୍ୟ ସମ୍ପର୍ଣ୍ଣ ଅଞ୍ଚଳ । ଏଠାରେ ଅନେକ ସାହିତ୍ୟିକ, ଶିକ୍ଷାବିତ୍‌ଠାରୁ ଆରମ୍ଭ କରି ବରପୁତ୍ରମାନେ ଜନ୍ମଗ୍ରହଣ କରିଛନ୍ତି। ଏଠାକାର ବରପୁତ୍ରମାନଙ୍କୁ ସମ୍ମାନ ଜଣାଇ ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ଅନ୍ୟାନ୍ୟ ଅନୁଷ୍ଠାନ ଆଦି ଗଢ଼ି ଉଠିଛି। ମାତ୍ର ଏହି ବରପୁତ୍ରଙ୍କ ନାମରେ ହୋଇଥିବା ଅନୁଷ୍ଠାନରେ ବହୁ ସମୟରେ ସେମାନଙ୍କ ପ୍ରତିମୂର୍ତ୍ତିଙ୍କୁ ଅସମ୍ମାନ ପ୍ରଦର୍ଶନ କରାଯାଉଛି। ଏହାର ଏକ ଉଦାହରଣ ନନ୍ଦକିଶୋର ବିଦ୍ୟାମନ୍ଦିରରେ ଦେଖିବାକୁ ମିଳିଛି। କୁସୁପୁର ମାଟିର ବରପୁତ୍ର ପଲ୍ଲୀକବି ନନ୍ଦକିଶୋର ବଳଙ୍କ ନାମରେ ଏହି ବିଦ୍ୟାମନ୍ଦିରଟି ହୋଇଥିବାବେଳେ ତାଙ୍କ ପ୍ରତିମୂର୍ତ୍ତି ଓ ଶିଳ୍ପୀଗୁରୁ ବିପ୍ଲଧର ବର୍ମାଙ୍କ ପ୍ରତିମୂର୍ତ୍ତି ପ୍ରତି ଅସମ୍ମାନ ପ୍ରଦର୍ଶନ କରାଯାଇଛି। ଏହି ପ୍ରତିମୂର୍ତ୍ତିକୁ ସ୍ଥାପନ କରାଯାଇଥିବା ମଣ୍ଡପକୁ ପାର୍କିଂସ୍ଥଳ ଭଳି ବ୍ୟବହାର କରାଯାଉଛି। ବିଦ୍ୟାପୀଠର ଶିକ୍ଷକ ଓ କର୍ମଚାରୀମାନେ ସେଠାରେ ଗାଡ଼ି ରଖୁଥିବା ଅଭିଯୋଗ ହୋଇଛି। ଛାତ୍ରୀଛାତ୍ରଙ୍କୁ ଉତ୍ତମ ଶିକ୍ଷା ଓ ସଂସ୍କୃତି ଓ ପରମ୍ପରା ସମ୍ପର୍କରେ ଅବଗତ କରାଇବାରେ ଶିକ୍ଷକମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିବାବେଳେ ସେମାନଙ୍କ ଏପରି କାର୍ଯ୍ୟ ପାଇଁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ମାତ୍ର କଲେଜ କର୍ତ୍ତୃପକ୍ଷ ଏକଥା ସ୍ୱୀକାର କରିବାକୁ ପ୍ରସ୍ତୁତ ନୁହନ୍ତି। ଏସମ୍ପର୍କରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରବିନାରାୟଣ ମହାନ୍ତି କହିଛନ୍ତି,କୌଣସି ବାହାର ଲୋକ ଆସି ବିଦ୍ୟାପୀଠରେ ସ୍ଥାପନ ହୋଇଥିବା ମଣ୍ଡପ ଉପରେ ଗାଡି ରଖିଚାଲିଯାଇଛନ୍ତି। ଅପରପକ୍ଷେ ଏହି ଘଟଣାର ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସାଧାରଣରେ ଦାବି ହୋଇଛି।

## ପୋଲିସ,ଅବକାରୀ ବିଭାଗ ଚଢ଼ାଉ: ମଦ ଜବତ

**ବଡମ୍ବା,୨୮।୮ (ଡି.ଏନ୍.ଏ)**

ବେଆଇନ୍ ମଦ କାରବାର ହେଉଥିବା ଖବରପାଇ ବଡ଼ମ୍ବା ପୋଲିସ ଓ ଅବକାରୀ ବିଭାଗ ତରଫରୁ ବୁଧବାର ବ୍ଲକ ଅନ୍ତର୍ଗତ ରତାପାଟ ଗ୍ରାମରେ ଅତର୍କିତ ଭାବେ ଚଢାଉ କରାଯାଇଥିଲା। ମାତ୍ର ଏହି ମିଳିତ ଚଢ଼ାଉ ଫଳପ୍ରଦ ହୋଇପାରିନାହିଁ। ଚଢ଼ାଉ ବେଳେ ଗ୍ରାମରୁ କେବଳ ଗୋଟିଏ ପେଟି ବିଦେଶୀ ମଦ ଜବତ ହୋଇଥିବା ବେଳେ କୌଣସି ଅଭିଯୁକ୍ତ ଧରାପଡ଼ି ନ ଥିଲେ। ଏଭଳି ଚଢାଉ କେବଳ ଲୋକ ଦେଖାଣିଆ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ସୂଚନାଯୋଗ୍ୟ, ବଡମ୍ବା ବ୍ଲକର ବିଭିନ୍ନ ଗାଁରେ ବ୍ୟାପକ ଦେଶୀ ଏବଂ ବିଦେଶୀ ମଦ କାରବାର ହେଉଛି। ଏନେଇ କିଛି ଗ୍ରାମର ମହିଳା ସଂଗଠିତ ହୋଇ ବାରମ୍ବାର ପ୍ରତିବାଦ କରୁଛନ୍ତି। ଏହାସତ୍ତ୍ୱେ ଅବକାରୀ ବିଭାଗ ପକ୍ଷରୁ ଅଦ୍ୟାବଧି କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଇ ନ ଥିବାରୁ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି।

## କଲେଜ ଛାତ୍ରଙ୍କ ଅକାଳ ବିୟୋଗ

**ସାଲେପୁର, ୨୮।୮(ଡି.ଏନ୍.ଏ)**

ସାଲେପୁର ବ୍ଲକ ଅଧୀନ ମାଳ ଶାସନ ଗ୍ରାମର ବୃନ୍ଦାବନ ଭୋଇଙ୍କ ଏକମାତ୍ର ପୁତ୍ର ସତ୍ୟବ୍ରତ ଭୋଇଙ୍କ ମଙ୍ଗଳବାର ଅକାଳ ବିୟୋଗ ଘଟିଛି। ସେ ସାଲେପୁର କଲେଜ ଯୁକ୍ତ ୨ ବାଣିଜ୍ୟ ବିଭାଗର ପ୍ରଥମ ବର୍ଷ ଛାତ୍ର ଥିଲେ। କିଛିଦିନ ହେବ ଶାରିରିକ ଅସୁସ୍ଥତା କାରଣରୁ କଟକ ବଡ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ସ୍ୱର୍ଗତ ସତ୍ୟବ୍ରତ ଜଣେ ମିଷ୍ଟଭାଷୀ, ପରୋପକାରୀ ଓ ମେଧାବୀ ଛାତ୍ର ଭାବେ ପରିଚିତ ଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳାଯାଇଛି। ଏହି ଅବସରରେ ମାଳଶାସନ ପଞ୍ଚାୟତ ହାଇସ୍କୁଲ ପୁରାତନ ଛାତ୍ର ସଂସଦ ପକ୍ଷରୁ ଶୋକପ୍ରକାଶ କରାଯାଇଛି।

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପ୍ରଗତିକୁ ନେଇ ଆଲୋଚନା

## ଗ୍ରାମୀଣ ବିଶ୍ୱବିଦ୍ୟାଳୟରେ ପରିଣତ କରିବାକୁ ଆହ୍ୱାନ



ଆଲୋଚନାଚକ୍ରରେ ଭାଗ ନେଇଥିବା ପରିଚାଳନା କମିଟି ସଦସ୍ୟ ଓ ଅନ୍ୟମାନେ।

**ବାଙ୍କୀ,୨୮।୮(ସ୍ୱ.ପ୍ର.)**

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ବିକାଶ ଓ ପ୍ରଗତି ସମ୍ପର୍କରେ ବୁଧବାର ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପରିଚାଳନା କମିଟିର ସଭାପତି ପ୍ରଭାତ କୁମାର ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ । ୨୦୨୪ ସୁଦ୍ଧା ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ଏକ ଗ୍ରାମୀଣ ବିଶ୍ୱବିଦ୍ୟାଳୟରେ ପରିଣତ କରିବାକୁ ସେ କଲେଜ ପରିଚାଳନା କମିଟିର ସଭ୍ୟ, ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀଙ୍କୁ ଆହ୍ୱାନ ଦେଇଥିଲେ। ଏନେଇ ମିଳିତ ଉଦ୍ୟମ ଆବଶ୍ୟକ ବୋଲି ସେ କହିଥିଲେ। ୨୦୧୯ରେ ନାକ୍ ତରଫରୁ ଏହି ମହାବିଦ୍ୟାଳୟକୁ ବି ପ୍ଲସ୍ ପ୍ଲସ୍‌ର ମାନ୍ୟତା ମିଳିଥିବାରୁ ସେ ବିଦ୍ୟାଳୟର ସମସ୍ତ କର୍ମଚାରୀଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏହି ଅବସରରେ ନାକ୍ କାର୍ଯ୍ୟରେ ବିଶେଷ ସାହାଯ୍ୟ ଓ ସହଯୋଗ କରିଥିବା ପ୍ରାଣୀବିଜ୍ଞାନ ବିଭାଗର ପୂର୍ବତନ ବିଭାଗୀୟ ମୁଖ୍ୟ ଡ.ଏସ୍.ଏନ୍. ପାଢୀଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସଭା ପ୍ରାରମ୍ଭରେ କଲେଜ ଅଧ୍ୟକ୍ଷ ଡ.ବାବାଜୀ ଚରଣ ଶତପଥୀ ସ୍ୱାଗତ ଭାଷଣ ଦେଇଥିଲେ । ଆସନ୍ତା ୩୧ରେ ସେ କାର୍ଯ୍ୟରୁ ଅବସର ଗ୍ରହଣ କରୁଥିବାରୁ ପରିଚାଳନା କମିଟି ତରଫରୁ ତାଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏଥିରେ ସମ୍ମାନିତ ଅତିଥିଭାବେ ପୂର୍ବତନ ଅଧ୍ୟକ୍ଷ ଡ.ଅମରେନ୍ଦ୍ର ମିଶ୍ର, ପରିଚାଳନା କମିଟିର ସଭ୍ୟ ସମରେନ୍ଦ୍ର ମହାପାତ୍ର, ସୁବାସ ଚନ୍ଦ୍ର ପାଢୀ, ସନାତନ ବେହେରା, ସୌମେନ୍ଦ୍ର ମିଶ୍ର ଓ ସନ୍ତୋଷ କୁମାର ରଣା ଯୋଗଦେଇଥିଲେ। ଶେଷରେ ଉପାଧ୍ୟକ୍ଷ ସଦାନନ୍ଦ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

## ଲିଙ୍କରୋଡ୍–ଓଏମ୍‌ପି ବାଇପାସ୍‌ରେ ବସ୍ ରହଣି ମନା

**କଟକ ଅଫିସ,୨୮।୮**

କଟକ ସହରର ଟ୍ରାଫିକ ସମସ୍ୟା ନେଇ ବୁଧବାର ପୋଲିସ କମିଶନର ସୁଧାଂଶୁ ଷଡଙ୍ଗୀଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। କ୍ୟାଣ୍ଟନମେଣ୍ଟ ରୋଡସ୍ଥିତ ପୋଲିସ କମିଶନରଙ୍କ କ୍ୟାମ୍ପ କାର୍ଯ୍ୟାଳୟରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଅଣଓସାରିଆ ରାସ୍ତା ପାର୍ଶ୍ୱରେ ମନଇଚ୍ଛା ଗାଡ଼ି ପାର୍କିଂ ଯୋଗୁ ଟ୍ରାଫିକ ସମସ୍ୟା ଦ୍ୱିଗୁଣିତ ହେଉଛି । ତେଣୁ ବେଆଇନ ପାର୍କିଂ ଓ ଜବରଦଖଲ ଉଚ୍ଛେଦ କିଭଳି ଭାବେ ସଫଳତାର ସହ କାର୍ଯ୍ୟକାରୀ କରାଯିବ ସେ ନେଇ ବୈଠକରେ ମୁଖ୍ୟତଃ ଆଲୋଚନା ହୋଇଥିଲା। ସୂଚନା ଅନୁଯାୟୀ, ସହରର ମୁଖ୍ୟ ରାସ୍ତାଗୁଡ଼ିକ ଦିନ ସମୟରେ ଜନଗହଳି ରହୁଛି। ରାସ୍ତା ଉଭୟ ପାର୍ଶ୍ୱରେ ଉଠାଦୋକାନ ଓ ବେଆଇନ ପାର୍କିଂ ପାଇଁ ଟ୍ରାଫିକ ସମସ୍ୟା ବଢ଼ିବାରେ ଲାଗିଛି। ଏହାକୁ ଯଥାଶୀଘ୍ର ଦୂର କରିବାକୁ ଟ୍ରାଫିକ ପୋଲିସ, ସିଡିଏ ଏବଂ ସିଏମ୍‌ସି କର୍ତ୍ତୃପକ୍ଷଙ୍କ ସହ କମିଶନର ଏହି ବୈଠକରେ ଆଲୋଚନା କରିଥିଲେ। ଓଏମ୍‌ପିରୁ ଲିଙ୍କରୋଡ୍ ମଧ୍ୟରେ ଥିବା ସର୍ଭିସରୋଡ୍‌ରେ କୌଣସି ଯାତ୍ରୀବାହୀ ବସ୍ ରହଣି ନ କରାଯିବାକୁ ଏଥିରେ ନିଷ୍ପତ୍ତି ହୋଇଛି। କାଠଯୋଡି–ମହାନଦୀ ରିଂ ରୋଡ ଅଞ୍ଚଳରୁ ଜବରଦଖଲ ଉଚ୍ଛେଦ କରି ସଂପ୍ରସାରଣ ସହ ଉପଯୁକ୍ତ ପାର୍କିଂ ବ୍ୟବସ୍ଥା କରାଯିବାକୁ ମଧ୍ୟ ନିଷ୍ପତ୍ତି ନିଆଯାଇଛି। ଦୋକାନ ଓ ବ୍ୟବସାୟିକ କୋଠା ସାମ୍ନାରେ ଗାଡି ପାର୍କିଂ ନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ଜିଲାପାଳ ଭବାନୀ ଶଙ୍କର ଚୟନୀ, ଡିସିପି ଅଖିଳେଶ୍ୱର ସିଂ, କଟକ ମହାନଗର କମିଶନର ଅନନ୍ୟା ଦାସ, ଟ୍ରାଫିକ ଏସିପି ଯତୀନ କୁମାର ପଣ୍ଡା, ମଧୁପାଟଣା ଟ୍ରାଫିକ ଥାନା ଆଇଆଇସି ମନୋଜ ରୋଶନ ବିଲୁଙ୍ଗ, ଫୁଲନଖରା ଟ୍ରାଫିକ ଥାନା ଆଇଆଇସି ଏ.କେ.ରଣା ପ୍ରମୁଖ ଉପସ୍ଥିତ ଥିଲେ।

## ମଣ୍ଡଳସ୍ତରୀୟ ଭଲିବଲ୍ ପ୍ରତିଯୋଗିତା

**ବାଙ୍କୀ,୨୮।୮(ସ୍ୱ.ପ୍ର.)**

ଡମପଡ଼ା ବ୍ଲକର ମଣ୍ଡଳସ୍ତରୀୟ ଭଲିବଲ୍ ପ୍ରତିଯୋଗିତା ବାଙ୍କୀ ବରେନ୍ଦ୍ରକୃଷ୍ଣ ବିଦ୍ୟାପୀଠ ପରିସରରେ ବୁଧବାର ଅନୁଷ୍ଠିତହୋଇଯାଇଛି। ପ୍ରତିଯୋଗିତାରେ ବ୍ଲକ ଅନ୍ତର୍ଗତ ୯ ଉଚ୍ଚ ବିଦ୍ୟାଳୟର ଛାତ୍ର ଅଂଶଗ୍ରହଣ କରିଥିଲେ। ଏହି ଅବସରରେ କ୍ଲଷ୍ଟରସ୍ତରୀୟ କ୍ରୀଡା ପ୍ରତିଯୋଗିତାରେ ଭାଗନେବା ପାଇଁ ବିଭିନ୍ନ ବିଦ୍ୟାଳୟରୁ ୯ଜଣ ଛାତ୍ରଙ୍କୁ ମନୋନୀତ କରାଯାଇଥିଲା। ମୁଖ୍ୟଅତିଥିଭାବେ ମଣ୍ଡଳ ଶିକ୍ଷାଧିକାରୀ ପ୍ରତିମା ସୁନ୍ଦରୀ ଦଳେଇ ଯୋଗଦେଇ କ୍ରୀଡ଼ାର ଉପାଦେୟତା ଓ ଶୃଙ୍ଖଳା ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋବିନ୍ଦଚନ୍ଦ୍ର ତ୍ରିପାଠୀ ସଭାପତିତ୍ୱ କରିଥିଲେ। ଦୟାନିଧି ମହାପାତ୍ର ବିବରଣୀ ପାଠ କରିଥିଲେ। ଏହାକୁ କ୍ରୀଡାଶିକ୍ଷକ ଚନ୍ଦନ କୁମାର ଜେନା, ବିପିନ ବିହାରୀ ରାଉତ, କୃପାସିନ୍ଧୁ ପ୍ରଧାନ, ନିରଞ୍ଜନ ମହାନ୍ତି, ରୀତାଞ୍ଜଳି ସେଠୀ ଓ ଦିଲୀପ କୁମାର ସାହୁ ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ଦାଶରଥି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।




ପ୍ରତିଯୋଗିତା ପାଇଁ ଆୟୋଜିତ ସଭାରେ ଯୋଗଦେଇଥିବା ଅତିଥିମାନେ।

# ଫନୀ କାର୍ଯ୍ୟ, ଆବାସ ସର୍ଭେରେ ଦୁର୍ନୀତି ଅଭିଯୋଗ

**ରଘୁନାଥପୁର, ୨୮।୮ (ଡି.ଏନ.ଏ.)**

ବାତ୍ୟା ଫନୀ କାର୍ଯ୍ୟ ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସର୍ଭେ ତାଲିକାରେ ଦୁର୍ନୀତି ନେଇ ବୁଧବାର ରଘୁନାଥପୁର ବିଡିଓ ପଞ୍ଚାନନ ପଟାୟତଙ୍କୁ ଭେଟି ଭାଜପାର ପ୍ରତିନିଧି ଦଳ ଅଭିଯୋଗ କରିଛନ୍ତି। ତିର୍ତ୍ତୋଲ ଭାଜପା ନେତା ପ୍ରଫେସର ରମାକାନ୍ତ ଭୋଇ, ଯୁବ ସଙ୍ଗଠକ ମାନସ କୁମାର ମହାପାତ୍ରଙ୍କ ନେତୃତ୍ୱରେ କର୍ମୀମାନେ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ଥିଲେ। ବାତ୍ୟା ଫନୀ ପରେ ରଘୁନାଥପୁର ବ୍ଲକରେ କ୍ଷତିଗ୍ରସ୍ତ ସରକାରୀ ଅନୁଷ୍ଠାନ ତଥା ଅନ୍ୟାନ୍ୟ ପୁନରୁଦ୍ଧାର କାର୍ଯ୍ୟ ପାଇଁ ୨ କୋଟି ୩୦ ଲକ୍ଷ ଟଙ୍କା ରାଜ୍ୟ ସରକାରଙ୍କ ଜରିଆରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଇଛି। ଉକ୍ତ ଅର୍ଥ ବିଭିନ୍ନ ପଞ୍ଚାୟତରେ ଥିବା ୧୧୫ଟି କ୍ଷେତ୍ରରେ ବିନିଯୋଗ ହେବ। ତେବେ ଉକ୍ତ କାର୍ଯ୍ୟର କାର୍ଯ୍ୟାଦେଶ ବିଭାଗୀୟ ଯନ୍ତ୍ରୀଙ୍କ ନାମରେ ରଖି ସରକାରୀ ଦଳର କର୍ମୀମାନେ ହାତେଇ ନେବାକୁ ଷଡଯନ୍ତ୍ର କରୁଥିବାର ପ୍ରଫେସର ଭୋଇ ଅଭିଯୋଗ କରିଛନ୍ତି। ଯଦି ଏପରି ହୋଇଥାଏ ତାହା ହେଲେ ରାଜ୍ୟର ମୁଖ୍ୟ ବିରୋଧୀ ଦଳ ଭାବେ ଭାଜପା କର୍ମୀଙ୍କୁ ମଧ୍ୟ ସମାନ ସୁଯୋଗ ଦିଆଯାଉ ବୋଲି ପ୍ରଫେସର ଭୋଇ ବିଡିଓଙ୍କ ନିକଟରେ ଯୁକ୍ତି ବାଢିଥିଲେ। ସେହିପରି ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ସର୍ଭେ କରିବାକୁ ଯାଉଥିବା ତଦନ୍ତ ଅଧିକାରୀମାନେ ଘରକୁ ଘର ନ ବୁଲି ସରକାରୀ ଦଳର ଏଜେଣ୍ଟଙ୍କ ଘରେ ବସି ତାଲିକା ପ୍ରସ୍ତୁତ କରୁଛନ୍ତି। ଏପରିକି ବହୁ ଯୋଗ୍ୟ ବ୍ୟକ୍ତିଙ୍କୁ ରାଜନୈତିକ ଉଦ୍ଦେଶ୍ୟରେ ବଳି ପକେଇ କୋଠାଘର ଥିବା ବ୍ୟକ୍ତିଙ୍କ ନାମ ତାଲିକାରେ ଅନ୍ତର୍ଭୁକ୍ତ କରାଯାଇଥିବାର ୨୦ ହଜାର ଟଙ୍କା ମାଗୁଥିବା ସମ୍ପର୍କରେ ମନୋଜ କୁମାର ଲେଙ୍କା ଅଭିଯୋଗ କରିଥିଲେ। ତଆଁରା, ଏରଡଙ୍ଗା ଓ ଛପଡାରେ ଅନେକ ଯୋଗ୍ୟ ବ୍ୟକ୍ତିଙ୍କ ସର୍ଭେ ହୋଇ ନ ଥିବା ଅଭିଯୋଗ ପରେ, ବିଡିଓ ପଟାୟତ ସେମାନଙ୍କ ତାଲିକା ଦିଅନ୍ତୁ ଏବଂ ଏକ ଟିମ୍ ସହାୟତାରେ ପୁନର୍ବାର ସର୍ଭେ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସେହିପରି ବିଭିନ୍ନ କ୍ଷେତ୍ରରେ ଶାସକ ଦଳ ପକ୍ଷରୁ ସାଧାରଣ ଜନତାଙ୍କ ପାଇଁ ଉଦ୍ଦିଷ୍ଟ ସୁବିଧା ସୁଯୋଗରେ ବାଛ ବିଚାର କରାଯାଉଛି ବୋଲି ଅଭିଯୋଗକାରୀ ଯୁକ୍ତି ବାଢିଥିଲେ। ଫନୀ ପୁନରୁଦ୍ଧାର କାମରେ ଉଭୟ ଦଳୀୟ ବ୍ୟକ୍ତିଙ୍କୁ ସମାନ ସୁବିଧା ସୁଯୋଗ ପ୍ରଦାନ କରିବା ଏବଂ ପ୍ରଧାନମନ୍ତ୍ରୀ ଆବାସ ସର୍ଭେରେ ନିରପେକ୍ଷ ତଦନ୍ତ କରା ନ ଗଲେ ଆଗାମୀଦିନରେ ଦଳ ପକ୍ଷରୁ ଉଚିତ ଜବାବ ଦିଆଯିବ ବୋଲି ଅଭିଯୋଗକାରୀ ବିଡିଓଙ୍କୁ ସୂଚେଇ ଦେଇଥିଲେ। ବଟକୃଷ୍ଣ ନାୟକ, ଜଗନ୍ନାଥ ବାରିକ, ବାବୁଲି ନାୟକଙ୍କ ସମେତ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।




ଭାଜପା ନେତୃବୃନ୍ଦଙ୍କ ପକ୍ଷରୁ ବିଡିଓଙ୍କୁ ଅଭିଯୋଗପତ୍ର ଦିଆଯାଉଛି।



ଭିତର ଚେତନାର ପରିବର୍ତ୍ତନ ନ ହେଲେ ବାହାର ପରିବର୍ତ୍ତନର କିଛି ମୂଲ୍ୟ ନାହିଁ; କାରଣ ପ୍ରଖର ବୁଦ୍ଧି ଥିଲେ ବି ଜଣେ ଅଜ୍ଞାନ ଭାବରେ କାର୍ଯ୍ୟ କରିପାରେ।

- ମନୋଜ ଦାସ



## ସଂକ୍ଷେପରେ

### ଫାଇନାନ୍ସ କର୍ମଚାରୀଙ୍କ ଠାରୁ ଲୁଟ୍

**ଖୁଣ୍ଟୁଣୀ,୨୮।୮(ଡି.ଏନ୍.ଏ.):** ଖୁଣ୍ଟୁଣୀ ଥାନା ଅଧୀନ ରାଧାଶ୍ୟାମପୁରରେ ବୁଧବାର ଫାଇନାନ୍ସ ସଂସ୍ଥାର କର୍ମଚାରୀ ଶୁଭକାନ୍ତ ସାହୁଙ୍କ ଠାରୁ ୩୪ହଜାର ୪ଶହ ଟଙ୍କା ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ଶୁଭକାନ୍ତଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା(ନଂ. ୯୭/୧୯)ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଯାଜପୁର ଜିଲାର ଶୁଭକାନ୍ତ ସ୍ପନ୍ଦନା ଫାଇନାନ୍ସ ସଂସ୍ଥାରେ କାମ କରନ୍ତି। ବୁଧବାର ଶୁଭକାନ୍ତ ଓ ତାଙ୍କର ଜଣେ ସହଯୋଗୀ ଏକ ବାଇକ୍‌ରେ ରାଧାଶ୍ୟାମପୁର ଗ୍ରାମର ଏକ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଠାରୁ ସାପ୍ତାହିକ ଟଙ୍କା ନେଇ ଆସୁଥିଲେ। ରାସ୍ତାକୁ ଉଠିବା ମାତ୍ରେ ୨ଜଣ ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ସେମାନଙ୍କୁ ଖଣ୍ଡା ଦେଖାଇବାରୁ ବାଇକ୍ ରଖି ଦେଇଥିଲେ। ଏହା ପରେ ଦୁର୍ବୃତ୍ତମାନେ କର୍ମଚାରୀଙ୍କ ପାଖରେ ଥିବା ବ୍ୟାଗରୁ ୩୪ହଜାର ୪ଶହ ଟଙ୍କା ଲୁଟି ନେଇ ପଳାଇଥିଲେ। ଅଭିଯୋଗକୁ ଭିତ୍ତିକରି ଲୁଟେରାଙ୍କ ସମ୍ପର୍କରେ ଖୋଳତାଡ କରାଯାଉଥିବା ଆଇଆଇସି ସୁଚିତ୍ର ବୀର୍ଯ୍ୟ ଦାସ କହିଛନ୍ତି।

### ଗ୍ରୀଲ ତାଡ଼ି ଚୋରି

**କଣ୍ଟାପଡ଼ା,୨୮।୮(ଡି.ଏନ୍.ଏ.):** ଓଲଟପୁର ଓ ଗୋବିନ୍ଦପୁର ଥାନା ଅଞ୍ଚଳରେ ୨ଟି ପରିବାରର ଗ୍ରୀଲ୍ ଗେଟ ଭାଙ୍ଗି ଟଙ୍କା ସମେତ ଲକ୍ଷାଧିକ ଟଙ୍କାର ଅଳଙ୍କାର ଦୁର୍ବୃତ୍ତମାନେ ଚୋରି କରିନେଇଥିବା ବୁଧବାର ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଓଲଟପୁର ଥାନାରେ ଏକ ମାମଲା (ନଂ.୬୮/୧୯) ଓ ଗୋବିନ୍ଦପୁର ଥାନାରେ ଏକ ମାମଲା (ନଂ.୭୬/୧୯)ରୁଜୁ ହୋଇଛି। ପୋଲିସ ସୂତ୍ରରୁ ପ୍ରକାଶ ଓଲଟପୁର ଥାନା ଅନ୍ତର୍ଗତ ପିଙ୍ଗାପଡା ଗ୍ରାମର ସନମ ନାରାୟଣ ମିଶ୍ର ନୂଆଦିଲ୍ଲୀରେ ରହୁଥିବାବେଳେ ଗତ ୪ଦିନତଳେ ତାଙ୍କ ମା, ବାପା ଚୋରୀ ହୋଇଥିବା ତାଙ୍କ ନିକଟକୁ ବୁଲିବାକୁ ଯାଇଥିଲେ। ଘର ଦାୟିତ୍ୱରେ ଥିବା ସେହିଗ୍ରାମର ନିର୍ମଳ ଭୋଇଙ୍କ ଠାରୁ ଦୁର୍ବୃତ୍ତ ମାନେ ଲୁଟ କରିନେଇଥିବା ଖବରପାଇ ବୁଧବାର ଅପରାହ୍ନରେ ସେ ଆସି ଗାଁରେ ପହଞ୍ଚିଥିଲେ। ଆଲମିରାରୁ ଚୋରୀ ଯାଇଥିବା ୫୦,୦୦୦ଟଙ୍କା ସମେତ ଲକ୍ଷାଧିକ ଟଙ୍କାର ସୁନା ଓ ରୂପା ଅଳଙ୍କାର ଲୁଟ ହେବା ସମ୍ପର୍କରେ ଥାନାରେ ଲିଖିତଭାବେ ଜଣାଇଥିଲେ। ସେହିପରି ଗୋବିନ୍ଦପୁର ଥାନା ଅନ୍ତର୍ଗତ ଉତ୍ତାରଣ ଗ୍ରାମର ଶିଶିର କୁମାର ରାୟ ଓ ତାଙ୍କ ପତ୍ନୀ ଗତ ୨ଦିନ ତଳେ ପାହାଳରେ ରହୁଥିବା ତାଙ୍କ ପୁଅ ନିକଟକୁ ବୁଲିବାକୁ ଯାଇଥିବା ସୁଯୋଗନେଇ ମଙ୍ଗଳବାର ରାତିରେ ଦୁର୍ବୃତ୍ତମାନେ ତାଙ୍କ ଘର ଆଗପଟ ଗ୍ରୀଲଗେଟ ତାଡି ଆଲମିରାରୁ ନଗଦ ୩୦୦୦ଟଙ୍କା ଓ ସୁନାଗହଣା ଲୁଟି ନେଇଥିଲେ। ବୁଧବାର ସକାଳୁ ତାଙ୍କର ଜଣେ ପଡିଶାଲୋକ ତାଙ୍କୁ ଖବର ଦେବାପରେ ସେ ଗାଁକୁ ଆସି ଥାନାରେ ଲିଖିତ ଅଭିଯୋଗ କରିଥିଲେ।

### ରପ୍ତାନିଭିତ୍ତିକ କର୍ମଶାଳା

**କଟକ ଅଫିସ,୨୮।୮:** ଓଡ଼ିଶା ଯୁବ ଶିଳ୍ପଦ୍ୟୋଗୀ ସଂଘ ଓ ବୈଦେଶିକ ବାଣିଜ୍ୟ ବିଭାଗର ମିଳିତ ଆନୁକୂଲ୍ୟରେ ବୁଧବାର ରେଭେନ୍ସା ବିଶ୍ୱବିଦ୍ୟାଳୟର ଏମ୍‌ବିଏ ବିଭାଗରେ ରପ୍ତାନିଭିତ୍ତିକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏମବିଏ ବିଭାଗ ମୁଖ୍ୟ ଡ. କିଶୋର ଚନ୍ଦ୍ର ଦାସ ଅଧକ୍ଷତା କରିଥିଲେ। ଅତିଥି ଭାବେ ଭାରତ ସରକାରଙ୍କ ଅଣୁ, ଲଘୁ, କ୍ଷୁଦ୍ର ଓ ମଧମ ବିଭାଗର ନିର୍ଦ୍ଦେଶକ ଡ. ଏସ୍.କେ. ସାହୁ, ଡିଜିଏଫ୍‌ଟିର ଉପନିର୍ଦ୍ଦେଶକ ଡ. ଏସ୍.ଏସ୍. ବାଦଲ, ଇସିଜିର ପରିଚାଳକ ଜୟଦୀପ ଦାସ, ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଶାଖା ପରିଚାଳକ ସ୍ମିତା ସାହୁ ଓ ବିଶ୍ୱଜିତ ପାଲ୍ ଯୋଗଦେଇ ଛାତ୍ରୀଛାତ୍ରମାନେ ନିଜେ କିପରି ଉଦ୍ୟୋଗ ସ୍ଥାପନ କରିବେ ସେ ସଂକ୍ରାନ୍ତରେ ବୁଝାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଘର ସଭାପତି ବିରଞ୍ଚି ନାରାୟଣ ମିଶ୍ର, ସାଧାରଣ ସମ୍ପାଦକ ସୁକାନ୍ତ କୁମାର ମଲିକ, ସୁରେନ୍ଦ୍ର ନାଥ ପତି, ମହେଶ୍ୱର ପରିଡ଼ା, ପ୍ରତ୍ୟୁଷ ମହାରଣା, ସୁହେଲ ସାଜାଦ ସରିଫ, ଭବାନୀ ପ୍ରସାଦ ଭୂୟାଁ, ବିଜୟ କୁମାର ସାହୁ, ବାଲୁଙ୍କେଶ୍ୱର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ନୃସିଂହ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଡ. ଶ୍ରଦ୍ଧାଞ୍ଜଳି ପଣ୍ଡା ଧନ୍ୟବାଦ ଦେଇଥିଲେ।

# କଟକ ସହରରେ ଗ୍ୟାସ୍ ଠକେଇ

■ 'ଜାଗୋ ଗ୍ରାହକ ଜାଗୋ'ରେ ଅଭିଯୋଗ

■ ପେଟ୍ରୋଲିୟମ ମନ୍ତ୍ରୀଙ୍କୁ ଟୁଇଟ୍ କଲେ ଗ୍ରାହକ

**କଟକ ଅଫିସ,୨୮।୮**

ଠକାମିର ଶିକାର ହେଉଛନ୍ତି ଉପଭୋକ୍ତା। ନିର୍ଦ୍ଧାରିତ ଓଜନ ତୁଳନାରେ କମ୍ ଓଜନର ଗ୍ୟାସ୍ ସିଲିଣ୍ଡର ଦିଆଯାଉଛି। ରୋଷେଇ କରିବାର ଅଳ୍ପଦିନ ଭିତରେ ଗ୍ୟାସ ଶେଷ ହେଇଯାଉଛି। ଫଳରେ ନୂତନ ରନ୍ଧନ ଗ୍ୟାସ ପାଇଁ ବୁକ କରିବାକୁ ପଡୁଛି। ଯଦି ଏ ନେଇ ପ୍ରଶ୍ନ କରାଯାଉଛି ତେବେ ଏଜେନ୍ସି ତରଫରୁ ମିଳୁଛି ଧମକ। କଟକ ବାଲୁବଜାର-ନିମଚୌଡ଼ି ଅଞ୍ଚଳରେ ଏପରି ଘଟଣା ନିୟମିତ ଘଟୁଥିବା ଜଣାପଡ଼ିଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳର ଜଣେ ବ୍ୟକ୍ତି କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଟୁଇଟ କରିବା ସହ ଜାଗୋ ଗ୍ରାହକ ଜାଗୋ ଖାଉଟି ସୁରକ୍ଷା ସେଲରେ ଅଭିଯୋଗ କରିଛନ୍ତି। ଏହାପରେ ନିର୍ଦ୍ଦିଷ୍ଟ ଗ୍ୟାସ୍ ଏଜେନ୍ସି ମାଲିକଙ୍କୁ ଲାଲବାଗ ଥାନା ପୋଲିସ ଡାକି ପଚରାଉଚରା କରିଛି। ସ୍ଥାନୀୟ ଅଞ୍ଚଳବାସୀ ଏ ନେଇ ଆଗାମୀ ଦିନରେ ଏକ ବୈଠକ ଡାକିବେ ବୋଲି ସୂଚନା ମିଳିଛି।

ଅଭିଯୋଗ ଆଣିଥିବା ବାଲୁବଜାର ଅଞ୍ଚଳର ଓମପ୍ରକାଶ ଅଗ୍ରୱାଲ କହିଛନ୍ତି, ଗତ ୨୬ତାରିଖରେ ସେ ଗ୍ୟାସ ସିଲିଣ୍ଡର ଘରକୁ ଆଣିଥିଲେ।




ଗ୍ୟାସରେ ୩୦କେଜି ୬୦୦ଗ୍ରାମ ଓଜନ ବୋଲି ଉଲ୍ଲେଖ ଥିଲା। ମାତ୍ର ସିଲିଣ୍ଡରକୁ ଟେକିବା ବେଳେ ଏହା କମ୍ ଥିବା ଓମପ୍ରକାଶଙ୍କର ସନ୍ଦେହ ଉପୁଜିଥିଲା। ପୂର୍ବରୁ ଗ୍ୟାସ ଜଲଦି ଶେଷ ହୋଇ ଯାଉଥିବା ଓମପ୍ରକାଶ ତାଙ୍କ ପରିବାର ଲୋକଙ୍କଠାରୁ ଶୁଣିଥିଲେ। ତେଣୁ ସେ ସିଲିଣ୍ଡରଟିକୁ ଓଜନ କରିବାରୁ ଏହା ୨୮କେଜି ୨୦୦ଗ୍ରାମ ହୋଇଥିଲା। ଲଗାତର ଭାବେ ସମ୍ପୃକ୍ତ ଗ୍ୟାସ ଏଜେନ୍ସି ତାଙ୍କୁ ଠକୁଛି ବୋଲି ସେ ନିଶ୍ଚିତ ହୋଇଥିଲେ। ପ୍ରଥମେ ଏଜେନ୍ସିର ମାଲିକଙ୍କୁ ଯୋଗାଯୋଗ କରି ଏ ସଂକ୍ରାନ୍ତରେ ଅଭିଯୋଗ କରିଥିଲେ। ସେହିଦିନ ଏଜେନ୍ସିର କିଛି କର୍ମଚାରୀ ଆସି ଓମପ୍ରକାଶଙ୍କ ଘରେ ପହଞ୍ଚିଥିଲେ। କର୍ମଚାରୀଙ୍କ ଉପସ୍ଥିତିରେ ୩ ଥର ନୂତନ ଓଜନକଣ୍ଟାରେ ମାପ ହୋଇଥିଲେ ମଧ୍ୟ ସବୁଥର ଓଜନ କମ୍ ଆସିଥିଲା। ପରେ କର୍ମଚାରୀମାନେ ସିଲିଣ୍ଡରଟିକୁ ନେଇଯିବା ପାଇଁ କହିଥିଲେ। ହେଲେ ଓମପ୍ରକାଶ ସିଲିଣ୍ଡର ଦେଇ ନ ଥିଲେ। ଫଳରେ କର୍ମଚାରୀମାନେ ତାଙ୍କୁ ଗାଳିଗୁଲଜ କରିଥିଲେ। ଏ ନେଇ ସେ ଲାଲବାଗ ଥାନାରେ ଅଭିଯୋଗ ମଧ୍ୟ କରିଥିଲେ। ଲାଲବାଗ ଥାନାର ଏକ ପିସିଆର୍ ଆସି କେବଳ ଘଟଣା ବୁଝି ଚାଲି ଯାଇଥିଲା ବୋଲି ଓମପ୍ରକାଶ କହିଛନ୍ତି। ଏହା ପରେ ସେ 'ଜାଗୋ ଗ୍ରାହକ ଜାଗୋ' ଖାଉଟି ସୁରକ୍ଷା ସେଲକୁ ଏକ ମେଲ୍ ଯୋଗେ ଅଭିଯୋଗପତ୍ର ପଠାଇଥିଲେ। ଏଥିସହ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଟୁଇଟ ମଧ୍ୟ କରିଛନ୍ତି। ଅଭିଯୋଗ ପରେ ଏକ ଜାତୀୟ ପେଟ୍ରୋଲିୟମ କମ୍ପାନୀର ଏମ୍‌ଡି ଓମପ୍ରକାଶଙ୍କୁ ଫୋନ କରି ସିଲିଣ୍ଡରକୁ ଏଜେନ୍ସି ନିକଟରେ ତୁରନ୍ତ ଦାଖଲ କରିବାକୁ କହିଛନ୍ତି। ସିଲିଣ୍ଡର ଫେରାଇ ଦେବା କୌଣସି ବଡ଼ କଥା ନୁହେଁ, ହେଲେ ଏଭଳି ଦୁର୍ନୀତିକୁ ରୋକିବା ପାଇଁ ଚେଷ୍ଟା କରାଯାଉ ବୋଲି ଓମପ୍ରକାଶ କହିଛନ୍ତି।

# ଲିଙ୍କ୍‌ରୋଡ୍- ଓଏମ୍‌ପି ବାଇପାସ୍‌ରେ ବସ୍ ରହଣି ମନା

**କଟକ ଅଫିସ,୨୮।୮**

**ଟ୍ରାଫିକ ସମସ୍ୟା ନେଇ ପୋଲିସ କମିଶନରଙ୍କ ବୈଠକ**

କଟକ ସହରର ଟ୍ରାଫିକ ସମସ୍ୟା ନେଇ ବୁଧବାର ପୋଲିସ କମିଶନର ସୁଧାଂଶୁ ଷଡଙ୍ଗୀଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। କ୍ୟାଣ୍ଟନମେଣ୍ଟ ରୋଡସ୍ଥିତ ପୋଲିସ କମିଶନରଙ୍କ କ୍ୟାମ୍ପ କାର୍ଯ୍ୟାଳୟରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଅଣଓସାରିଆ ରାସ୍ତା ପାର୍ଶ୍ୱରେ ମନଇଚ୍ଛା ଗାଡ଼ି ପାର୍କିଂ ଯୋଗୁ ଟ୍ରାଫିକ ସମସ୍ୟା ଦ୍ୱିଗୁଣିତ ହେଉଛି। ତେଣୁ ବେଆଇନ ପାର୍କିଂ ଓ ଜବରଦଖଲ ଉଚ୍ଛେଦ କିଭଳି ଭାବେ ସଫଳତାର ସହ କାର୍ଯ୍ୟକାରୀ କରାଯିବ ସେ ନେଇ ବୈଠକରେ ମୁଖ୍ୟତଃ ଆଲୋଚନା ହୋଇଥିଲା।

ସୂଚନା ଅନୁଯାୟୀ, ସହରର ମୁଖ୍ୟ ରାସ୍ତାଗୁଡ଼ିକ ଦିନ ସମୟରେ ଜନଗହଳି ରହୁଛି। ରାସ୍ତା ଉଭୟ ପାର୍ଶ୍ୱରେ ଉଠାଦୋକାନ ଓ ବେଆଇନ ପାର୍କିଂ ପାଇଁ ଟ୍ରାଫିକ ସମସ୍ୟା ବଢ଼ିବାରେ ଲାଗିଛି। ଏହାକୁ ଯଥାଶୀଘ୍ର ଦୂର କରିବାକୁ ଟ୍ରାଫିକ ପୋଲିସ, ସିଡିଏ ଏବଂ ସିଏମ୍‌ସି କର୍ତ୍ତୃପକ୍ଷଙ୍କ ସହ କମିଶନର ଏହି ବୈଠକରେ ଆଲୋଚନା କରିଥିଲେ। ଓଏମ୍‌ପିରୁ ଲିଙ୍କ୍‌ରୋଡ୍ ମଧ୍ୟରେ ଥିବା ସର୍ଭିସରୋଡ଼ରେ କୌଣସି ଯାତ୍ରୀବାହୀ ବସ୍ ରହଣି ନ କରାଯିବାକୁ ଏଥିରେ ନିଷ୍ପତ୍ତି ହୋଇଛି। କାଠଯୋଡି-ମହାନଦୀ ରିଂ ରୋଡ ଅଞ୍ଚଳରୁ ଜବରଦଖଲ ଉଚ୍ଛେଦ କରି ସଂପ୍ରସାରଣ ସହ ଉପଯୁକ୍ତ ପାର୍କିଂ ବ୍ୟବସ୍ଥା କରାଯିବାକୁ ମଧ୍ୟ ନିଷ୍ପତ୍ତି ନିଆଯାଇଛି। ଦୋକାନ ଓ ବ୍ୟବସାୟିକ କୋଠା ସାମ୍ନାରେ ଗାଡି ପାର୍କିଂ ନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ଜିଲାପାଳ ଭବାନୀ ଶଙ୍କର ଚୟନୀ, ଡିସିପି ଅଖିଳେଶ୍ୱର ସିଂ, କଟକ ମହାନଗର କମିଶନର ଅନନ୍ୟା ଦାସ, ଟ୍ରାଫିକ ଏସିପି ଯତୀନ କୁମାର ପଣ୍ଡା, ମଧୁପାଟଣା ଟ୍ରାଫିକ ଥାନା ଆଇଆଇସି ମନୋଜ ରୋଶନ ବିଲୁଙ୍ଗ, ଫୁଲନଖରା ଟ୍ରାଫିକ ଥାନା ଆଇଆଇସି ଏ.କେ.ରଣା ପ୍ରମୁଖ ଉପସ୍ଥିତ ଥିଲେ।




ଛାତ୍ର ସଂସଦ ନିର୍ବାଚନ ବନ୍ଦ ନିଷ୍ପତ୍ତି ପ୍ରତ୍ୟାହାର ଦାବିରେ ରେଭେନ୍ସା ବିକାଶ ଅଭିଯାନ ପକ୍ଷରୁ ବୁଧବାର କଟକ ଆରଡିସି(ସିଡି)ଙ୍କ ଅଫିସ ସମ୍ମୁଖରେ ଅନୁଷ୍ଠିତ ପ୍ରତିବାଦ ସଭା।

■ ଅଖିଳ ଭାରତୀୟ ମାରୱାଡ଼ି ମହିଳା ସମ୍ମିଳନୀର ନିଷ୍ପତ୍ତି

# ୩୧ରେ ଅଙ୍ଗଦାନ ପାଇଁ ରାଜ୍ୟବ୍ୟାପୀ ଶୋଭାଯାତ୍ରା

**କଟକ ଅଫିସ,୨୮।୮**

ଅଖିଳ ଭାରତୀୟ ମାରୱାଡି ମହିଳା ସମ୍ମିଳନୀ ଅଙ୍ଗଦାନ କ୍ଷେତ୍ରରେ କୀର୍ତ୍ତିମାନ ପ୍ରତିଷ୍ଠା ଉଦ୍ଦେଶ୍ୟରେ ରାଜ୍ୟବ୍ୟାପୀ ଏକ ବିଶାଳ ଶୋଭାଯାତ୍ରା ଆୟୋଜନ କରିବାକୁ ଯାଉଛି। ଆସନ୍ତା ୩୧ ତାରିଖରେ ଓଡ଼ିଶା ସମେତ ୧୭ଟି ରାଜ୍ୟରେ ୩୦୦ରୁ ଊର୍ଦ୍ଧ୍ୱ ଶାଖାରେ ଏହା ଆୟୋଜନ ହେବ। ସଂଗଠନ ପକ୍ଷରୁ ଇଣ୍ଡିଆ ବୁକ ଅଫ ରେକର୍ଡସକୁ ନିମନ୍ତ୍ରଣ କରାଯାଇଛି। ମୁଖ୍ୟ ଅତିଥି ଭାବେ ଇଣ୍ଡିଆ ବୁକ୍ ଅଫ ରେକର୍ଡସର ସଭାପତି ଡ. ପ୍ରଭାସ ଆଚାର୍ଯ୍ୟ ଯୋଗଦେବେ ଏବଂ ମହିଳା ସଚେତନର ରାଷ୍ଟ୍ରୀୟ ସଭାପତି ଉଷା କିରଣ ଡିକ୍ରୱେଲ, ରାଜ୍ୟ ସଭାପତି ଗାୟତ୍ରୀ ଲାଠ୍, ସହ ଅଧ୍ୟକ୍ଷ ରିତୁ ମୋଡ଼ା, ପୂର୍ବ ରାଷ୍ଟ୍ରୀୟ ସଭାପତି ପ୍ରେମା ପନ୍ନସାରୀ ଏବଂ ପୁଷ୍ପା ଖଇତାଲି ପ୍ରମୁଖ ଉପସ୍ଥିତ ରହିବେ। ଓଡ଼ିଶାରେ ହେଉଥିବା ୫୧ଟି ଶୋଭାଯାତ୍ରା ଛଡ଼ା କଟକର ସନସାଇନ ପଡ଼ିଆରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏସଜିବିଏଲ୍ ମଲ୍ ପର୍ଯ୍ୟନ୍ତ ଶୋଭାଯାତ୍ରା ବାହାରି ସ୍ୱାଗତ ସମାରୋହ କାର୍ଯ୍ୟକ୍ରମ ହେବ। ବୁଧବାର ଏକ ଖବରଦାତା ସମ୍ମିଳନୀରେ ଅଧ୍ୟକ୍ଷା ପ୍ରତିଭା ସିଂ ଏହି ସୂଚନା ଦେଇଛନ୍ତି। ଏହି ଅବସରରେ ଉପାଧ୍ୟକ୍ଷା ରମା ବଜାଜ, ସଚିବ ଅର୍ଚ୍ଚନା ଅଗ୍ରୱାଲ, ଚନ୍ଦାଦେବୀ ସନ୍ତୁକା, ଅନୁରାଧା ମୋଦି, ବିଦ୍ୟା ସାଙ୍ଗନାରିଆ, ପଦ୍ମା ଅଗ୍ରୱାଲା ପ୍ରମୁଖ ଉପସ୍ଥିତ ଥିଲେ।

# ପୋଲିସ କର୍ମଚାରୀଙ୍କୁ ଆକ୍ରମଣ, ୨ ଗିରଫ

**ଚୌଦ୍ୱାର,୨୮।୮(ଡି.ଏନ୍.ଏ.)**

ଦୁଇ ପୋଲିସ କର୍ମଚାରୀଙ୍କୁ ଆକ୍ରମଣ ଅଭିଯୋଗରେ ଚୌଦ୍ୱାର ଥାନା ପୋଲିସ ବୁଧବାର ୨ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲଣ କରିଛି। ସେମାନେ ହେଲେ କଟକ ମଙ୍ଗଳାବାଗ ଥାନା ମଲ୍ଲାସାହିର ଅକ୍ଷୟ ସେଠୀ ଓ ମାଛୁଆ ବଜାର ଅଞ୍ଚଳର ଭରତ ବେହେରା। ଏମାନଙ୍କ ଠାରୁ ଗୋଟିଏ କାର ଓ ଗୋଟିଏ ବାଇକ୍ ଜବତ ହୋଇଛି। ପୋଲିସ ସୂଚନା ଅନୁଯାୟୀ, ପିସିଆର ବାଇକ୍‌ରେ ଥାନାର ୨ଜଣ ପୋଲିସ କର୍ମଚାରୀ ମଙ୍ଗଳବାର ପୌରପାଳିକାର ୧୭ନଂ. ୱାର୍ଡ କପାଳେଶ୍ୱର ନୂଆସାହି ଅଞ୍ଚଳରେ ପାଟ୍ରୋଲିଂ କରୁଥିଲେ। ନୂଆସାହିସ୍ଥିତ ଶନି ମନ୍ଦିର ରାସ୍ତାରେ କେତେଜଣ ଯୁବକ କାର ଓ ବାଇକ୍ ରଖି ଆଡ୍ଡା ଜମାଇ ଥିବା ଦେଖିବାକୁ ପାଇଥିଲେ। ଯାତାୟାତରେ ବାଧା ସୃଷ୍ଟିହେଉଥିବାରୁ ଗାଡ଼ିଗୁଡ଼ିକୁ ରାସ୍ତାରୁ ହଟାଇବା ପାଇଁ ପୋଲିସ କର୍ମଚାରୀମାନେ ଉକ୍ତ ଯୁବକମାନଙ୍କୁ କହିବାରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଅଭିଯୁକ୍ତ ଯୁବକମାନେ ପୋଲିସ କର୍ମଚାରୀଙ୍କୁ ଆକ୍ରମଣ କରିଥିଲେ। ଖବରପାଇ ଆଇଆଇସି ପଦ୍ମନାଭ ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ଯୁବକଦ୍ୱୟଙ୍କୁ ଧରିବା ସହ ଥାନାକୁ ଆଣିଥିଲେ। ଏ ନେଇ ଥାନାରେ ଏକ ମାମଲା (ନଂ.୨୮୪/୧୯)ରୁଜୁ ହୋଇଛି।

# ସ୍ୱଚ୍ଛ ଭାରତ ଅଭିଯାନ ବକ୍ତୃତା ପ୍ରତିଯୋଗିତା

**କଟକ ସଦର,୨୮।୮(ଡି.ଏନ୍.ଏ.)**

ସ୍ୱଚ୍ଛ ଭାରତ ଅଭିଯାନ ଉପରେ ବକ୍ତୃତା ପ୍ରତିଯୋଗିତା ବୁଧବାର କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁର ଠାରେ ଅନୁଷ୍ଠିତ ହୋଇଯାଇଛି। ସିଦ୍ଧେଶ୍ୱରପୁରସ୍ଥିତ ସେଣ୍ଟ ଜାଭିୟର ହାଇସ୍କୁଲ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ୧୮ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ବ୍ୟାଙ୍କ ଅଫ ଇଣ୍ଡିଆର ଆଞ୍ଚଳିକ ପ୍ରବନ୍ଧକ ୱାଇ.ଏନ. ଦ୍ୱିବେଦୀ, ବେଦ ପ୍ରକାଶ ଓଝା ମୁଖ୍ୟ ବକ୍ତା, ରାଜଭାଷା ପ୍ରବନ୍ଧକ ସୋନିଆ ଶାନ୍ତ ଓ କନ୍ଦରପୁର ବ୍ୟାଙ୍କ ଅଫ ଇଣ୍ଡିଆର ଶାଖା ପରିଚାଳକ ପ୍ରଭାତ କୁମାର ବେହେରା ଅତିଥିଭାବେ ଯୋଗଦେଇଥିଲେ। ଅଧ୍ୟକ୍ଷ ଖଲିକୁଜ ଜମାନ ପ୍ରାରମ୍ଭିକ ସୂଚନା ଓ ପରିଚାଳନା କମିଟି ଅଧ୍ୟକ୍ଷା ବୈଜୟନ୍ତୀ ଜେନା ସ୍ୱଚ୍ଛ ଭାରତ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇଥିଲେ।

# ଦନ୍ତ ପରୀକ୍ଷା ଶିବିର

**କଟକ ଅଫିସ, ୨୮।୮**

ମଙ୍ଗଳାସାହି ବାଲିସାହି ବସ୍ତିରେ ବୁଧବାର ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ବାଲିସାହି ଶାଖା ତରଫରୁ ଦନ୍ତ ପରୀକ୍ଷା ଶିବିର ଆୟୋଜିତ ହୋଇଯାଇଛି। ବ୍ରହ୍ମାକୁମାରୀ ସିପ୍ରା ଓ ବ୍ରହ୍ମାକୁମାର ଲଳିତଙ୍କ ତତ୍ତ୍ୱାବଧାନରେ ଡାକ୍ତରମାନେ ବସ୍ତି ଅଞ୍ଚଳରେ ରୋଗୀଙ୍କୁ ପରୀକ୍ଷା କରିଥିଲେ। ୩୦ରୁ ଊର୍ଦ୍ଧ୍ୱ ରୋଗୀଙ୍କ ଦାନ୍ତ ପରୀକ୍ଷା କରାଯାଇଥିଲା। ଏସ୍‌ସିବି ଜନସ୍ୱାସ୍ଥ୍ୟ ଦାନ୍ତ ବିଭାଗର ଡା. ଦେବାଶିଷ ସେଠୀ, ଡା. ଅଭିଜିତ୍ ପଣ୍ଡା, ଡା. ନେହା ପଟିୟାଲା, ଡା. ସୌଭାଗ୍ୟ ରଞ୍ଜନ କର, ଡା. ପ୍ରିୟା ନାରାୟନମ୍ ଏବଂ ଡା. ମଣିକେଶ ମିଶ୍ର ପ୍ରମୁଖ ଦନ୍ତ ପରୀକ୍ଷା କରିଥିଲେ।

# କଟକ ଜିଲା ବିକାଶ ଯୋଜନା ବୈଠକ



ବୈଠକରେ ଯୋଗଦେଇଥିବା ଅତିଥିବୃନ୍ଦ।

**ଫୁଲନଖରା,୨୮।୮(ଡି.ଏନ୍.ଏ.)**

କଟକ ମହାନଗର ନିଗମର ୫୯ନଂ. ୱାର୍ଡର ତେଲଙ୍ଗାପେଣ୍ଠସ୍ଥିତ ଗାନ୍ଧୀସ୍ମୃତି ପୀଠରେ ବୁଧବାର କଟକ ଜିଲା ବିକାଶ ଯୋଜନା ସମ୍ପର୍କରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଶାସନ ସଚିବ ଅସିତ୍ ତ୍ରିପାଠୀ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ, କଟକ ଜିଲାକୁ ଏକ ନମ୍ବର ଜିଲାରେ ପରିଣତ କରିବା ପାଇଁ ପ୍ରତ୍ୟେକ ବିଭାଗର ଅଧିକାରୀଙ୍କ ସହଯୋଗ ରହିବା ଦରକାର। ଜନସାଧାରଣ କୌଣସି ଅଫିସକୁ ନ ଆସି ଅଫିସରମାନେ ଜନସାଧାରଣଙ୍କ ପାଖକୁ ଯାଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟଜଳ ବିଶେଷ ଧ୍ୟାନ ଦେବା ସହ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ସ୍ୱତନ୍ତ୍ର ସଚିବ ଅଶୋକ କୁମାର ମୀନା, ସିଏମ୍‌ସି କମିଶନର ଅନନ୍ୟା ଦାସ ଅତିଥିଭାବେ ଯୋଗଦେଇଥିଲେ। ଏହି ବୈଠକରେ ଜିଲାର ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ।

# ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ସମ୍ବର୍ଦ୍ଧନା



ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡର ଅଧ୍ୟକ୍ଷ ସୁବାସ ସିଂଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

**କଟକ ଅଫିସ,୨୮।୮**

ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡର ଅଧ୍ୟକ୍ଷ ସୁବାସ ସିଂଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ସଂଘର ସଭାପତି ବିଜୟ କୁମାର ପଢିଆରୀ, ଉପସଭାପତି ଶିନୁ ରେଡ୍ଡୀ, ସାଧାରଣ ସମ୍ପାଦକ ଦୁର୍ଗା ଚରଣ ଛାଟୋଇ, ସହସମ୍ପାଦକ ରତ୍ନାକର ପ୍ରଧାନ, କୋଷାଧ୍ୟକ୍ଷ ଅକ୍ଷୟ କୁମାର ମହାନ୍ତି, ମନୋଜ ପାଲ, ହିମାଂଶୁ ମହାପାତ୍ର, ସନ୍ତୋଷ ମହାନ୍ତି, ପ୍ରାଶାନ୍ତ ସାହୁ , ହାଡ଼ିବନ୍ଧୁ ବେହେରା, ପ୍ରଭାତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ସୌଭାଗିନୀ ମିଶ୍ରଙ୍କୁ ପୁଣ୍ୟଭୂମି ସାରସ୍ୱତ ସମ୍ମାନ

**କଟକ ଅଫିସ, ୨୮।୮**

ଶ୍ରୀରାମଚନ୍ଦ୍ର ଭବନରେ ବୁଧବାର ପୁଣ୍ୟଭୂମି ପକ୍ଷରୁ ସମ୍ମାନ ପ୍ରଦାନ ସମାରୋହ ଓ ବାଟେଘାଟେ ପୁସ୍ତକ ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍କଳ ସାହିତ୍ୟ ସମାଜର ସଭାପତି ଡ. ତରୁଣ କୁମାର ସାହୁ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଲେଖିକା ସୌଭାଗିନୀ ମିଶ୍ରଙ୍କୁ ଚଳିତବର୍ଷର ପୁଣ୍ୟଭୂମି ସାରସ୍ୱତ ସମ୍ମାନ ପ୍ରଦାନ କରାଯାଇଛି। ଏହି ଅବସରରେ ମିଶ୍ରଙ୍କ ଲିଖିତ ପୁସ୍ତକ 'ବାଟେଘାଟେ' ଉନ୍ମୋଚିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ସାହିତ୍ୟିକ ପ୍ରଫେସର ବୈଷ୍ଣବ ଚରଣ ସାମଲ ଏବଂ ମୁଖ୍ୟବକ୍ତା ଭାବେ ସମାଲୋଚକ ମେଜର ଚିନ୍ତାମଣି ଭାରତୀ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଶିଶୁ ସାହିତ୍ୟିକ ଡ. ସୁନାମଣି ରାଉତ ଓ ନାଟ୍ୟକାର ସଞ୍ଜିତ କୁମାର ପଟ୍ଟନାୟକ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ଡ. ସାମଲ କହିଥିଲେ, ବାଟେଘାଟେ ପୁସ୍ତକ ସାମ୍ପ୍ରତିକ ସମସ୍ୟା ଓ ଘଟଣାକୁ ନେଇ ରଚିତ ଏବଂ ଏହା ଅନୁଭବସିକ୍ତ ମାର୍ମିକ ଅଭିବ୍ୟକ୍ତି। ସେହିପରି ମୁଖ୍ୟବକ୍ତା ମେଜର ଭାରତୀ କହିଥିଲେ, ମୌଳିକ ଚିନ୍ତାଚେତନାକୁ ସରଳ ଓ ସାବଲୀଳ ଢଙ୍ଗରେ ବାଟେଘାଟେ ପୁସ୍ତକରେ ଚିତ୍ରଣ କରାଯାଇଛି। ଆଇନଜୀବୀ ମିଲନ୍ କୁମାର ବଡୁ ଏହି ଆଲୋଚନାରେ ଭାଗ ନେଇଥିଲେ। ସମ୍ବର୍ଦ୍ଧିତ ପ୍ରତିଭାଙ୍କ ପାଇଁ ଶିକ୍ଷାବିତ ଅନନ୍ତ ଚରଣ ଦାଶ ମାନପତ୍ର ପାଠ କରିଥିବାବେଳେ ଅନୁବାଦକ ବ୍ରହ୍ମାନନ୍ଦ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

# 'ମନ୍ଦିର ସହ ସମତୁଲ ଏସ୍‌ସିବି ମେଡିକାଲ'




ଓଡ଼ିଶା ମେଡିକାଲ କର୍ମଚାରୀ ସଂଘର ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

**କଟକ ଅଫିସ,୨୮।୮**

କେବଳ ମନ୍ଦିରରେ ଦୁଃଖ ଦୂରେଇବା ପାଇଁ ପୂଜାର୍ଚ୍ଚନା ହୁଏନାହିଁ। ମଣିଷର ଦୁଃଖ ମେଡ଼ିକାଲରେ ବି ଦୂର ହୋଇଥାଏ। ଏସ୍‌ସିବି ମେଡ଼ିକାଲ କେତେ ଲୋକଙ୍କ ଦୁଃଖ ଦୂର କରିଛି ତାହାର ହିସାବ ନାହିଁ। ଏଣୁ ଏହି ମେଡ଼ିକାଲକୁ ଏକ ମନ୍ଦିର କହିଲେ ଅତ୍ୟୁକ୍ତି ହେବ ନାହିଁ ବୋଲି ମତବ୍ୟକ୍ତ କରିଛନ୍ତି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ। ବୁଧବାର ଏସ୍‌ସିବି ମେଡ଼ିକାଲ ପୁରୁଣା ଅଡିଟୋରିୟମ ହଲରେ ଅନୁଷ୍ଠିତ ଓଡ଼ିଶା ମେଡିକାଲ କର୍ମଚାରୀ ସଂଘର ବାର୍ଷିକ ଉତ୍ସବରେ ମନ୍ତ୍ରୀ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସଭାରେ ସଂଘର କାର୍ଯ୍ୟକାରୀ ସଭାପତି ଯୋଗେନ୍ଦ୍ର ନାଥ ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ମନ୍ତ୍ରୀ ଦାସ ମେଡ଼ିକାଲ କର୍ମଚାରୀ ସଂଘର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ବିଧାୟକ ସୌଭିକ ବିଶ୍ୱାଳ, ବିଧାୟକ ରାଜେନ୍ଦ୍ର କୁମାର ସାହୁ, ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ମଙ୍ଗଳାବାଗ ଥାନା ଅଧିକାରୀ ଅମିତାଭ ମହାପାତ୍ର, ଏସ୍‌ସିବି ଅଧ୍ୟକ୍ଷ ପ୍ରଫେସର ଜୟଶ୍ରୀ ମହାନ୍ତି, ଅଧୀକ୍ଷକ ପ୍ରଫେସର ସି.ବି.କେ. ମହାନ୍ତି, ସଂଘର ସଭାପତି କୃଷ୍ଣଚନ୍ଦ୍ର ପାତ୍ର, ଉପସଭାପତି ସୁକାନ୍ତ ମୁଖୀ, ଶାଖା ସମ୍ପାଦକ ବିଜୟ କୁମାର ନାୟକ ପ୍ରମୁଖ ଯୋଗଦେଇଥିଲେ। ସଂଘ ସାଧାରଣ ସମ୍ପାଦକ ପ୍ରଭାକର ପଲେଇ ସ୍ୱାଗତ ଭାଷଣ ଏବଂ ଉପସଭାପତି ଶ୍ୟାମସୁନ୍ଦର ଦେଓ ଧନ୍ୟବାଦ ଦେଇଥିଲେ।



ଭିତର ଚେତନାର ପରିବର୍ତ୍ତନ ନ ହେଲେ ବାହାର ପରିବର୍ତ୍ତନର କିଛି ମୂଲ୍ୟ ନାହିଁ;
କାରଣ ପ୍ରଖର ବୁଦ୍ଧି ଥିଲେ ବି ଜଣେ ଅଜ୍ଞାନ ଭାବରେ କାର୍ଯ୍ୟ କରିପାରେ।
-ମନୋଜ ଦାସ



## ସଂକ୍ଷେପରେ

### ସାଇ ମନ୍ଦିରରୁ ହୁଣ୍ଡି ଚୋରି କରି ନେଲେ ଦୁର୍ବୃତ୍ତ

ଜଟଣୀ, ୨୮।୮(ଡି.ଏନ.ଏ.): ଜଟଣୀ ଲୋକୋ କଲୋନୀସ୍ଥିତ ଶିରିଡ଼ି ସାଇ ମନ୍ଦିରରୁ ଦୁର୍ବୃତ୍ତମାନେ ଗୋଟିଏ ହୁଣ୍ଡି ଭାଙ୍ଗି ଟଙ୍କା ନେଇ ଯାଇଥିବା ବେଳେ ଆଉ ଗୋଟିଏ ହୁଣ୍ଡିକୁ ସମ୍ପୂର୍ଣ୍ଣ ଭାବେ ଉଠାଇ ନେଇ ପଳାଇଛନ୍ତି। ମଙ୍ଗଳବାର ବିଳମ୍ବିତ ରାତିରେ ମନ୍ଦିର ଗେଟ୍ ତାଲା ଭାଙ୍ଗି ରଖିଥିବା ଷ୍ଟିଲର ହୁଣ୍ଡିକୁ ଚୋରି କରିଛନ୍ତି। ମନ୍ଦିର ପରିଚାଳନା କମିଟିର ସଭାପତି ପି. ଚିନ୍ନାକ୍ରିଷ୍ଣା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଫେରି ଆସିଛି।

### ୪ କେଜି ଗଞ୍ଜେଇ ଜବତ, ଜଣେ ଗିରଫ



ଟାଙ୍ଗୀ(ଖୋର୍ଦ୍ଧା), ୨୮।୮ (ଡି.ଏନ.ଏ.)- ଟାଙ୍ଗୀ ଅବକାରୀ ବିଭାଗ ଅଧିକାରୀ ଓ କର୍ମକର୍ତ୍ତା ବୁଧବାର କୁହୁଡ଼ିରେ ଚଢ଼ାଉ କରି ୪କେଜି ୭ ଶହ ଗ୍ରାମ ଗଞ୍ଜେଇ ଜବତ କରିବା ସହ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଉଛନ୍ତି ରବୀନ୍ଦ୍ର ଭୁଜବଳ(୪୮)। ଅବକାରୀ ଇନ୍ସପେକ୍ଟର ନିନା ବେଉରା ଓ ସବ୍‌ଇନ୍ସପେକ୍ଟର ପ୍ରୀତିଧାରା ନାୟକ ପ୍ରମୁଖ କୁହୁଡି ଗଡ଼ଭିତର ସାହିର କୋଠଘରେ ଚଢ଼ାଉ କରି ଏହି ଗଞ୍ଜେଇ ଜବତ କରିଥିଲେ। ରବୀନ୍ଦ୍ରଙ୍କୁ କୋର୍ଟଚାଲାଣ କରାଯାଇଥିବା ଅବକାରୀ ବିଭାଗ ସୂତ୍ରରୁ ଜଣାପଡିଛି।

### ୧୧ ଲିଟର ଚୋରାମଦ ଜବତ, ୩ ଗିରଫ

ଟାଙ୍ଗୀ(ଖୋର୍ଦ୍ଧା), ୨୮।୮ (ଡି.ଏନ.ଏ.)- ଟାଙ୍ଗୀ ଅବକାରୀ ବିଭାଗ ତରଫରୁ ବିଭିନ୍ନ ସ୍ଥାନରେ ଅଚାନକ ଚଢ଼ାଉ କରାଯାଇ ବୁଧବାର ୧୧ ଲିଟର ବେଆଇନ ଦେଶୀ ମଦ ଜବତ ସହ ୩ ଜଣଙ୍କୁ ଗିରଫ କରାଯାଇଥିବା ଜଣାପଡିଛି । ଅଭିଯୁକ୍ତମାନେ ହେଲେ ଟାଙ୍ଗୀ ପଥରବନ୍ଧ ଗ୍ରାମର ଦିବାକର ବେହେରା(୩୯), ରାମେଶ୍ୱରର ସନ୍ତୋଷ କୁମାର ନାୟକ (୨୨) ଓ ମଙ୍ଗଳାଯୋଡିର ଲକ୍ଷ୍ମଣ ବେହେରା। ଏମାନଙ୍କୁ କୋର୍ଟଚାଲାଣ କରାଯାଇଛି ।

### ନିର୍ମାଣାଧୀନ କୋଠାରୁ ଚୋରି ଉଦ୍ୟମ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୨୭।୮(ବ୍ୟୁରୋ)- ମଞ୍ଚେଶ୍ୱର ଥାନା ଅଞ୍ଚଳରେ ଏକ ନିର୍ମାଣାଧୀନ କୋଠା ଘରୁ ଲୁହା ଛଡ ଚୋରି ଉଦ୍ୟମ କରୁଥିବା ଜଣେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ବଡଗଡ ଥାନା ଅଧୀନ ଚିଲିପୋଖାରୀ ଅଞ୍ଚଳର ପୂର୍ଣ୍ଣଚନ୍ଦ୍ର ବେହେରା। ସୂଚନା ମୁତାବକ, ପଳାଶୁଣୀ ଅଞ୍ଚଳରେ ଚିତ୍ତରଞ୍ଜନ ମହାନ୍ତିଙ୍କ କପିଳେଶ୍ୱର ଭିଲ୍ଲାର କାର୍ଯ୍ୟ ଚାଲିଥିଲା। ମଙ୍ଗଳବାର ରାତିରେ ମଉକା ଦେଖି ଅଟୋରେ ଅଭିଯୁକ୍ତ ଲୁହା ଛଡ ରଖିବାବେଳେ ସ୍ଥାନୀୟ ଲୋକ ଦେଖି ତାଙ୍କୁ କାବୁ କରି ପୋଲିସ ଜିମାରେ ଦେଇଥିଲେ। ଏ ନେଇ ପୋଲିସ ଅଭିଯୁକ୍ତଙ୍କୁ ପଚରାଉଚରା ପରେ ୩୫୧/୧୯ରେ ଏକ ମାମଲା ରୁଜୁ କରି ଗିରଫ କରିଥିଲା।

■ ଗଡ଼ଖୋର୍ଦ୍ଧା ଛକ ପାଲଟିଛି ମରଣଯନ୍ତା

# ୯ ବର୍ଷରେ ଦୁର୍ଘଟଣା ନେଲାଣି ୧୬ ମୁଣ୍ଡ

ଖୋର୍ଦ୍ଧା ଅଫିସ,୨୮।୮



୧୬ନଂ ଜାତୀୟ ରାଜପଥର ଗଡଖୋର୍ଦ୍ଧା ଛକ ।

୧୬ ନଂ. ଜାତୀୟ ରାଜପଥର ଗଡଖୋର୍ଦ୍ଧା ଛକ ମରଣଯନ୍ତା ପାଲଟିଛି। ବେପାରୁଆ ଗାଡି ଚାଳନା, ସଡକର ଦୁରବସ୍ଥା, ଟ୍ରାଫିକ ଅବ୍ୟବସ୍ଥା, ଟ୍ରାଫିକ ନିୟମ ଉଲ୍ଲଂଘନ ଓ ଓଭର ବ୍ରିଜ ନ ହେବା କାରଣରୁ ଅଧିକାଂଶ ସମୟରେ ଜିଲା ସଦର ମହକୁମା ଦେଇ ଯାଇଥିବା ୧୬ ନଂ. ଜାତୀୟ ରାଜପଥରେ ଦୁର୍ଘଟଣା ଘଟୁଛି। ଏହା ଏବେ ନିତିଦିନିଆ ଘଟଣାରେ ପରିଣତ ହୋଇଛି। ପ୍ରତ୍ୟହ ଏଠାରେ କିଛି ନାଁ କିଛି ଛୋଟ ବଡ ଦୁର୍ଘଟଣା ଘଟୁଥିବା ବେଳେ ଅଧିକାଂଶ ସମୟରେ ଜାତୀୟ ରାଜପଥ ଅବରୋଧ ସାଙ୍ଗକୁ ଆଇନ ଶୃଙ୍ଖଳା ପରିସ୍ଥିତି ଉପୁଜୁଛି। ମଙ୍ଗଳବାର ସଡ଼କ ଦୁର୍ଘଟଣାରେ ଗୋଟିଏ ପରିବାରର ବାପା ଓ ୨ ପୁଅଙ୍କ ମୃତ୍ୟୁ ଘଟିଥିଲା। ୯ ବର୍ଷ ମଧ୍ୟରେ ୧୬ ଜଣ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇବା ପରେ ଗଡଖୋର୍ଦ୍ଧା ଛକ ଏବେ ପଥଚାରୀଙ୍କ ମନରେ ଭୟ ସଞ୍ଚାର କରିଛି।

ଖୋର୍ଦ୍ଧା ସହର ଦେଇ କୋଲକତା-ଚେନ୍ନାଇ ୧୬ ନଂ. ଓ ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥ ଯାଇଛି। ଜାତୀୟ ରାଜପଥ ନଂ. ୧୬ ନ୍ୟାଶନାଲ ହାଇୱେ ଅଫ୍ ଇଣ୍ଡିଆ(ଏନ୍‌ଏଚ୍‌ଏଆଇ)ଙ୍କ ଅଧୀନରେ ରହିଛି। ଜାତୀୟ ରାଜପଥ-୫ର ପିତାପଲ୍ଲୀ ଛକଠାରୁ ତୋଟାପଡା ଛକ ପର୍ଯ୍ୟନ୍ତ ୫ କିମି ରାସ୍ତା। ଏହା ମଧ୍ୟରେ ପିତାପଲ୍ଲୀ ବାଇପାସ ଛକ, ପି.ଏନ୍. କଲେଜ ଛକ, ଗଡଖୋର୍ଦ୍ଧା ଛକ, ଜିଲାପାଳ କାର୍ଯ୍ୟାଳୟ ଛକ, ତୋଟାପଡା ଛକ ରହିଛି। ଏହି ସ୍ଥାନଗୁଡିକରେ ଅଧିକାଂଶ ସମୟରେ ଦୁର୍ଘଟଣା ଘଟିଥାଏ। ଏବେ ଗଡଖୋର୍ଦ୍ଧା ସବୁଠାରୁ ଅଧିକ ବିପଦସଙ୍କୁଳ ହୋଇପଡିଛି। ଗଡ ଖୋର୍ଦ୍ଧା ଛକଠାରୁ ହିଁ ପଟ୍ଟନାୟକିଆ ଦେଇ ପୁରୀ ଯିବାକୁ ହୋଇଥାଏ। ସେଠାରେ ଥିବା ରୋଡ କଟିଂ ୯୦ ଡିଗ୍ରୀରେ ରହିଛି। ଏହି ଛକରେ ୨୦୧୦ ରେ ୬ଟି ଦୁର୍ଘଟଣାରେ ୪ ଜଣ, ୨୦୧୧ରେ ୬ଟି ଦୁର୍ଘଟଣାରେ ୪, ୨୦୧୨ରେ ୬ଟି ଦୁର୍ଘଟଣାରେ ୩ ଜଣ, ୨୦୧୯ରେ ୩ ଜଣଙ୍କ ମୃତ୍ୟୁ ପରେ ୧୬ଜଣଙ୍କ ମୁଣ୍ଡ ଗଡି ସାରିଲାଣି। ବିଶେଷକରି ବଡଧରଣ ଦୁର୍ଘଟଣା ଘଟିଲେ ପୋଲିସ ଥାନାରେ ମାମଲା ରୁଜୁ ହୋଇଥାଏ। ଛୋଟ ଛୋଟ ଦୁର୍ଘଟଣାରେ ପୋଲିସ କେସ୍ ବୋଝ ନେବାକୁ ଚାହିଁ ଥାଏ। ତେଣୁ ଖୋର୍ଦ୍ଧା ପୋଲିସର ତଥ୍ୟ ଏବଂ ବାସ୍ତବତା ମଧ୍ୟରେ ଢେର ଫରକ୍ ରହିଛି। ଥାନାରେ ପଞ୍ଜୀକୃତ ଦୁର୍ଘଟଣା ତୁଳନାରେ ଅଧିକ ସଂଖ୍ୟାରେ ଦୁର୍ଘଟଣା ଏଠାରେ ଘଟୁଛି। ଦୁର୍ଘଟଣାକୁ ନେଇ ଅପ୍ରୀତିକର ପରିସ୍ଥିତି ମଧ୍ୟ ଉପୁଜୁଛି। ଉଦାହରଣ ସ୍ୱରୂପ, ୨୦୧୦ ଜୁଲାଇ ୭ ରେ ଗଡଖୋର୍ଦ୍ଧା ଛକରେ ମାଛ ବୋଝେଇ ଟ୍ରକ (ନଂ. ଏପି ୧୬ ଟିୟୁ ୪୦୨୬) ଓଲଟି ପଡିଥିଲା। ପରିସ୍ଥିତି ଏ ପରି ହୋଇଥିଲା ଯେ, ୧୦ ଘଣ୍ଟା ଧରି ରାସ୍ତାରୋକୋ ହୋଇଥିଲା। ପୋଲିସକୁ ଲାଠି ଚାର୍ଜ, ରବର ବୁଲେଟ୍ ଓ ପାଣି ମାଡ କରିବାକୁ ପଡିଥିଲା। ଏ ସମ୍ପର୍କରେ ଟାଉନ ଥାନାରେ କେସ୍ ନଂ. ୧୯୪/୨୦୧୦ରେ ମାମଲା ରୁଜୁ ହୋଇଥିଲା। ଏହା ପରଠାରୁ ଓଭର ବ୍ରିଜ ନିର୍ମାଣ କରିବାର ଦାବି ତ୍ୱରାନ୍ୱିତ ହୋଇ ଆସୁଥିଲେ ମଧ୍ୟ ଏହା ଶୀତଳଭଣ୍ଡାରରେ ରହି ଯାଇଛି। ଅନ୍ୟପକ୍ଷେ ଗଡଖୋର୍ଦ୍ଧା ଛକରେ ଦୁର୍ଘଟଣା ଘଟିବା କ୍ଷଣି ସ୍ଥାନୀୟ ଲୋକେ ଜାତୀୟ ରାଜପଥ ଅବରୋଧ କରୁଛନ୍ତି। ସେଠାରେ ଓଭରବ୍ରିଜ ନିର୍ମାଣର ଦାବି କରୁଛନ୍ତି। ମଙ୍ଗଳବାର ସଡ଼କ ଦୁର୍ଘଟଣାରେ ଗୋଟିଏ ପରିବାରର ୩ ଜଣଙ୍କ ମୃତ୍ୟୁ ହୋଇଥିଲା। ରାସ୍ତାରୋକୋ ହୋଇ ନ ଥିଲେ ହେଁ ଓଭର ବ୍ରିଜ କରିବାକୁ ଦାବି ପୁଣି ଉଠିଛି। ଦେଖାଯାଉ ଦାବି ପୂରଣ ପାଇଁ ଅଞ୍ଚଳବାସୀ କିଭଳି ପଦକ୍ଷେପ ନେଉଛନ୍ତି। ତେବେ ବାରମ୍ବାର ଦୁର୍ଘଟଣା ଘଟୁଥିବା ଅଞ୍ଚଳ ପାଇଁ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଓ ଜିଲା ପ୍ରଶାସନ ନଜର ନାହିଁ। ଅନ୍ୟପକ୍ଷେ କେତେଜଣଙ୍କ ମତ ଅନୁସାରେ ଓଭର ବ୍ରିଜ ନିର୍ମାଣ ଏକ ସମୟ ସାପେକ୍ଷ ପ୍ରସଙ୍ଗ। ତେଣୁ ଗଡଖୋର୍ଦ୍ଧା ଛକରେ ଦୁର୍ଘଟଣାକୁ ଏଡାଇବାକୁ ହେଲେ ସେଠାରେ ଥିବା ରୋଡ କଟିଂକୁ ତୁରନ୍ତ ବନ୍ଦ କରାଯିବା ଦରକାର। ଗଡଖୋର୍ଦ୍ଧା ଛକଠାରୁ ୨ଶହରୁ ୩ ଶହ ମିଟର ଦୂରରେ ରୋଡ କଟିଂ ରହିଲେ ଦୁର୍ଘଟଣାକୁ କିଛି ମାତ୍ରାରେ ଏଡାଇ ଦିଆଯାଇ ପାରିବ।

■ ସଡ଼କ ଦୁର୍ଘଟଣା ନେଲା ୨ ପୁଅ, ବାପାଙ୍କ ଜୀବନ

## ବେସାହାରା ହୋଇଗଲେ ପରିବାରର ସଦସ୍ୟ

**ଫୋନ କଥାବାର୍ତ୍ତା ଡାକି ଆଣିଲା ବିପତ୍ତି**

ଖୋର୍ଦ୍ଧା ଅଫିସ, ୨୮।୮

ମଙ୍ଗଳବାର ରାତିରେ କୋଲକତା-ଚେନ୍ନାଇ ୧୬ ନଂ. ଜାତୀୟ ରାଜପଥର ଗଡଖୋର୍ଦ୍ଧା ଛକ ନିକଟରେ ଘଟିଥିବା ସଡକ ଦୁର୍ଘଟଣା ନେଇଛି ୨ ପୁଅ, ବାପାଙ୍କ ଜୀବନ। ବେସାହାରା ହୋଇପଡିଛନ୍ତି ମୃତକ ମଳିପଡା ଗାଁର କୃଷ୍ଣଚନ୍ଦ୍ର ପାତାଳ ସିଂହଙ୍କର ପରିବାରର ସଦସ୍ୟ। ଗାଁ ଶ୍ମଶାନରେ ବୁଧବାର ପାଖାପାଖି ହୋଇ ଜଳିଛି ୩ ଜୁଇ। ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ମଳିପଡା ଗାଁର କୃଷ୍ଣଚନ୍ଦ୍ରଙ୍କ ସାନ ପୁଅ ବିକ୍ରମଙ୍କୁ ଆଣିବାକୁ ବଡପୁଅ ସଞ୍ଜୟଙ୍କ ସହ ବାଇକ୍ ଯୋଗେ ଚଣ୍ଡିଖୋଲ ଯାଇଥିଲେ। ବିକ୍ରମ ଡ୍ରାଇଭର ତାଲିମ ଚଣ୍ଡିଖୋଲରେ ନେଉଥିଲେ। ସେଠାରୁ ବାଇକ୍ ଯୋଗେ ଦୁଇ ପୁଅ ଓ ବାପା ଫେରିଥିଲେ। ଗଡଖୋର୍ଦ୍ଧା ଛକ ନିକଟରେ ଫୋନ ଆସିଥିଲା, ବାଇକ୍‌କୁ ସାଇଟ କରି ରାସ୍ତା ତଳେ କୃଷ୍ଣଚନ୍ଦ୍ର କଥାବାର୍ତ୍ତା ହେଉଥିଲେ। ପାଖରେ ଦୁଇ ପୁଅ ଥିଲେ। ଏହି ସମୟରେ ମୃତ୍ୟୁ ଯେ ପାଖେଇ ଆସିଲାଣି କେହି ଜାଣି ପାରି ନ ଥିଲେ। ଫୋନ କଥାବାର୍ତ୍ତା ସମୟରେ ୧୬ ନଂ. ଜାତୀୟ ରାଜପଥର ଗଡଖୋର୍ଦ୍ଧା ଛକ ନିକଟରେ ମଙ୍ଗଳବାର ରାତି ପ୍ରାୟ ସାଢ଼େ ୧୦ଟାରେ ମୃଦୁ ପାନୀୟ ବୋଝେଇ ଟ୍ରକ ଧକ୍କାରେ ବାଇକ୍ ଚାଳକ ବଡପୁଅ ସଞ୍ଜୟ (୨୬)ଙ୍କ ସହ ସାନ ଭାଇ ବିକ୍ରମ (୧୯) ଓ ବାପା କୃଷ୍ଣଚନ୍ଦ୍ର (୪୯) ମୃତ୍ୟୁ ହୋଇଥିଲା। ବଡପୁଅ ବିକ୍ରମ ୪ ବର୍ଷ ତଳେ ବିବାହ କରିଥିଲେ। ତାଙ୍କର ୨ ବର୍ଷର ପୁଅଟିଏ ରହିଛି। ସାନପୁଅ ମଳିପଡା କଲେଜରେ ଯୁକ୍ତ ୨ ପଢ଼ା ଶେଷ କରି ଡ୍ରାଇଭିଂ ତାଲିମ ନେଉଥିଲେ। ବଡପୁଅ ବାପାଙ୍କ ସହ ମିଶି କୃଷି କାର୍ଯ୍ୟ କରୁଥିଲେ। ମଝିଆ ପୁଅ ରଶ୍ମୀ ରଞ୍ଜନ ପରିବାର ପାଇଁ କେବଳ ସାହା ଭରସା। ଏଭଳିସ୍ଥଳେ ସମ୍ପୃକ୍ତ ପରିବାରକୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।

## ଡ୍ରଗ୍ ଇନ୍ସପେକ୍ଟରଙ୍କ ଔଷଧ ଦୋକାନରେ ଚଢ଼ାଉ

ଟାଙ୍ଗୀ(ଖୋର୍ଦ୍ଧା), ୨୮।୮ (ଡି.ଏନ.ଏ.)

ଟାଙ୍ଗୀ ଡ୍ରଗ୍ସ ଇନ୍ସପେକ୍ଟର ତୁଷାର ରଞ୍ଜନ ପାଣିଗ୍ରାହୀ ବୁଧବାର ଟାଙ୍ଗୀର ଔଷଧ ଦୋକାନ ଉପରେ ଚଢାଉ କରିଥିଲେ। ଦୋକାନର ରେକର୍ଡପତ୍ର, ଔଷଧ ଓ ତାହାର ମାନ ତନଖି କରିବା ସହିତ ୨ଟି ଔଷଧକୁ ରୋଗୀଙ୍କୁ ବିକ୍ରୟ ନ କରିବା ପାଇଁ ପାଣିଗ୍ରାହୀ ପରାମର୍ଶ ଦେଇଥିଲେ। ଡ୍ରଗ ଇନ୍ସପେକ୍ଟରଙ୍କ ଆସିବା ଖବର ଶୁଣି ଆବଶ୍ୟକ ପ୍ରମାଣପତ୍ର ନ ଥିବାରୁ ୪/୫ ଦୋକାନ ବନ୍ଦ କରିଦିଆଯାଇଥିବା ସୂଚନା ମିଳିଛି।

## ଗୁରୁକୁଳ ଇଞ୍ଜିନିୟରିଂ କଲେଜରେ ସ୍ୱାଗତ ଉତ୍ସବ

ଯାଁଳା,୨୮।୮(ଡି.ଏନ.ଏ.): ଭୁବନେଶ୍ୱର ଉପକଣ୍ଠ ଜଟଣୀ ବ୍ଲକ ଅନ୍ତର୍ଗତ ଜାମୁଝର୍ଲିସ୍ଥିତ ଗୁରୁକୁଳ ଇଞ୍ଜିନିୟରିଂ କଲେଜରେ ବୁଧବାର ନୂତନ ଛାତ୍ରୀଛାତ୍ରମାନଙ୍କର ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଉତ୍ସବରେ ନୂତନ ଭାବେ ଯୋଗଦାନ କରିଥିବା ବିଦ୍ୟାର୍ଥୀମାନଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ ଦେଇ କଲେଜ ପକ୍ଷରୁ ସ୍ୱାଗତ କରାଯାଇଥିଲା। ଅନୁଷ୍ଠାନର ନିର୍ଦ୍ଦେଶକ ସ୍ୱଦେଶ ରଞ୍ଜନ ମହାନ୍ତି ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଛାତ୍ରୀଛାତ୍ରମାନେ କର୍ତ୍ତବ୍ୟ ନିଷ୍ଠ ହେବା ଲାଗି ନିର୍ଦ୍ଦେଶକ ତାଙ୍କ ଅଭିଭାଷଣରେ ପରାମର୍ଶ ଦେଇଥିଲେ। ପ୍ରଫେସର ସଂଗ୍ରାମ ପ୍ରଧାନ, ସ୍ୱରୂପ ସାହୁ ଓ ସଞ୍ଜୟ ଜେନା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଫେସର ପ୍ରତିମା ଜେନା ଧନ୍ୟବାଦ ଦେଇଥିଲେ।




ସମ୍ବର୍ଦ୍ଧନା ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ ।

## ଚୋରି କରି ଖସି ପଳାଇଲେ ଲୁଟେରା

ବେଗୁନିଆ, ୨୮।୮(ଡି.ଏନ.ଏ.)

ବେଗୁନିଆ ଥାନା କଣ୍ଟାବାଡ ପଞ୍ଚାୟତ ଅଧୀନ ତଣ୍ଡାଳ ଗାଁରେ ଚୋରି ହୋଇଥିବା ଜଣାପଡିଛି। ମଙ୍ଗଳବାର ବିଳମ୍ବିତ ରାତିରେ ଚିତ୍ତରଞ୍ଜନ ସାମନ୍ତରାୟଙ୍କ ଘରୁ ୨୦ ହଜାର ଟଙ୍କା ସହ ଆସବାବପତ୍ର ଲୁଟିବା ପରେ ମଦନ ପ୍ରଧାନଙ୍କ ଘରୁ ଲୁଟ ଉଦ୍ୟମ କରି ବିଫଳ ହୋଇଛନ୍ତି। ହାର ଥୁଆ ହୋଇଥିବା ଏକ ଡବାକୁ ବାରି ପଟକୁ ଫୋପାଡି ଦେଇଛନ୍ତି। ସେହିପରି କାଚରା ଗାଁର ଲୋକନାଥ ବେହେରାଙ୍କ କବାଟ ଭାଙ୍ଗି ଘରେ ପଶିଥିଲେ। ମାତ୍ର ପରିବାର ଲୋକେ ଉଠିପଡିବାରୁ ଲୁଟେରାମାନେ ଖସି ପଳାଇଥିଲେ।

■ ଦିବ୍ୟାଙ୍ଗ ନାବାଳିକାଙ୍କୁ ବଳାତ୍କାର ଘଟଣା

## ପୀଡ଼ିତାଙ୍କ ପରିବାର, ପୋଲିସ ସହ ଭାଜପା ନେତ୍ରୀଙ୍କ ଆଲୋଚନା

ଟାଙ୍ଗୀ(ଖୋର୍ଦ୍ଧା),୨୮।୮(ଡି.ଏନ.ଏ.)



ଟାଙ୍ଗୀ ଥାନାରେ ପୋଲିସ ଅଧିକାରୀଙ୍କ ସହ ଭାଜପା ନେତ୍ରୀ,ସଦସ୍ୟାଙ୍କ ଆଲୋଚନା ।

ବଳାତ୍କାର ଶିକାର ହୋଇଥିବା ଜଣେ ଦିବ୍ୟାଙ୍ଗ ନାବାଳିକାଙ୍କୁ ଟାଙ୍ଗୀ ଥାନା ଅନ୍ତର୍ଗତ ନିଜ ଗ୍ରାମରେ ଭାଜପା ମହିଳାମୋର୍ଚ୍ଚା ନେତ୍ରୀ ଓ ସଦସ୍ୟାମାନେ ବୁଧବାର ଦେଖାକରି ଘଟଣା ସମ୍ପର୍କରେ ଆଲୋଚନା କରିଥିଲେ। ଘଟଣାର ୧୧ ଦିନ ବିତିଯାଇଥିଲେ ମଧ୍ୟ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ନ ଥିବା ପ୍ରତିବାଦରେ ଶତାଧିକ ମହିଳା ମଙ୍ଗଳବାର ଥାନା ସମ୍ମୁଖରେ ଧାରଣା ଦେଇଥିଲେ। ତେଣୁ ବଳାତ୍କାରୀଙ୍କୁ ତୁରନ୍ତ ଗିରଫ କରିବା ପାଇଁ ରାଜ୍ୟ ଭାଜପା ସମ୍ପାଦିକା ଡ. ଲେଖାଶ୍ରୀ ସାମନ୍ତସିଂହାରଙ୍କ ନେତୃତ୍ୱରେ ସଦସ୍ୟାମାନେ ପୀଡ଼ିତାଙ୍କ ପରିବାର ସହ ସାକ୍ଷାତ କରିଥିଲେ। ଏହାପରେ ଟାଙ୍ଗୀ ଥାନାରେ ଉପସ୍ଥିତ ଥିବା ବାଲୁଗାଁ ଏସ୍‌ଡିପିଓ ସୁନୀଲକାନ୍ତ ମହାନ୍ତି ଓ ଥାନାଧିକାରୀ ସରୋଜ କୁମାର ଉପାଧ୍ୟାୟଙ୍କ ସହିତ ଭାଜପା ସଦସ୍ୟାମାନେ ଆଲୋଚନା କରିଥିଲେ। ଫେରାର୍ ଥିବା ଅଭିଯୁକ୍ତଙ୍କୁ ନିଶ୍ଚିତ ଭାବେ ଗିରଫ କରାଯିବ ବୋଲି ଥାନା ଅଧିକାରୀ ଉପାଧ୍ୟାୟ ସୂଚନା ଦେଇଥିଲେ । ଏହି ଘଟଣା ସମ୍ପର୍କରେ ଡ.ସାମନ୍ତସିଂହାର ପୋଲିସ ମହାନିର୍ଦ୍ଦେଶକ ବି.କେ. ଶର୍ମାଙ୍କ ସହିତ ମଧ୍ୟ ଫୋନରେ କଥା ହୋଇଥିଲେ। ୧୨ ଘଣ୍ଟା ମଧ୍ୟରେ ଅଭିଯୁକ୍ତଙ୍କୁ ଗିରଫ କରାଯିବା ନେଇ ପୋଲିସ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଛି। ଡ. ସାମନ୍ତସିଂହାରଙ୍କ ସହ ମୋର୍ଚ୍ଚା ସଦସ୍ୟା ଅନିତା ପଟ୍ଟନାୟକ, କସ୍ତୁରୀ ମିଶ୍ର, ରଶ୍ମୀରେଖା ଦାସ ଓ ରଶ୍ମିମୟୀ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। ସୂଚନାଯୋଗ୍ୟ କି, ପଞ୍ଚାୟତର ମସଜୀବୀ ପରିବାରର ମହିଳାମାନେ ଧାରଣା ଦେଇଥିବାବେଳେ ଜଣେ ହୋମଗାର୍ଡ଼ ସେମାନଙ୍କୁ କେଉଟୁଣୀ କହିବାରୁ ଏ ନେଇ ଟାଙ୍ଗୀ ଥାନାରେ ଲିଖିତ ଅଭିଯୋଗ ହୋଇଛି।

■ ଅନିୟମିତତାର ହେଲନି ତଦନ୍ତ

## ଶିଶୁଙ୍କୁ ଅଙ୍ଗନୱାଡି କେନ୍ଦ୍ରକୁ ଛାଡ଼ିଲେନି ଅଭିଭାବକ

ଖୋର୍ଦ୍ଧା ଅଫିସ, ୨୮।୮:

ଅନିୟମିତତାର ତଦନ୍ତ ନ ହେବାରୁ ବାଣପୁର ବ୍ଲକ ଭେଟେଶ୍ୱର ପଞ୍ଚାୟତ ସାନଶିରେଇପୁର ଅଙ୍ଗନୱାଡି କେନ୍ଦ୍ରକୁ ଅଭିଭାବକମାନେ ନିଜର ପିଲାଙ୍କୁ ଛାଡୁ ନାହାନ୍ତି। ଅନ୍ୟପକ୍ଷେ ଗ୍ରାମବାସୀ ଚୁପ୍ ନ ରହି ଅଙ୍ଗନୱାଡି କେନ୍ଦ୍ରରେ ଚାଲିଥିବା ଅନିୟମିତତାର ତଦନ୍ତ କରିବାକୁ ଜିଲାପାଳ, ବାଣପୁର ବିଡିଓ ଓ ଶିଶୁ ମଙ୍ଗଳ ଅଧିକାରୀଙ୍କୁ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ, ସାନଶିରେଇପୁର ଗ୍ରାମରେ ତ୍ରିଲୋଚନପୁର ଓ ସାନଶିରେଇପୁର ନାମରେ ୨ ଅଙ୍ଗନୱାଡି କେନ୍ଦ୍ର ରହିଛି। ଉକ୍ତ କେନ୍ଦ୍ର ଗ୍ରାମ ସ୍କୁଲର ଦୁଇଟି ଗୃହରେ ଚାଲିଥିଲା। କିଛିମାସ ହେବ ସାନଶିରେଇପୁର ଅଙ୍ଗନୱାଡି କେନ୍ଦ୍ରଟି କର୍ମୀଙ୍କ ଘରେ ଚାଲିଛି। ତେବେ କେନ୍ଦ୍ରକୁ ଶିଶୁମାନେ ଠିକ୍ ଭାବେ ଆସୁ ନ ଥିବା ବେଳେ ସେମାନଙ୍କ ନାମରେ ମିଥ୍ୟା ଉପସ୍ଥାନ ପକାଇ ସରକାରୀ ଅନୁଦାନକୁ ହଡପ ଚାଲିଛି। ସେହିପରି ଗାଁ କଲ୍ୟାଣ ସମିତିକୁ ଆସୁଥିବା ଅର୍ଥକୁ ଠିକ୍ ଭାବେ ବିନିଯୋଗ କରାଯାଉ ନ ଥିବା ଅନୁରୂପ ଅଭିଯୋଗ ରହିଛି। ସେହିଭଳି ତ୍ରିଲୋଚନପୁର ଅଙ୍ଗନୱାଡି କେନ୍ଦ୍ର ସମ୍ପର୍କରେ ଅନୁରୂପ ଭାବେ ଅନିୟମିତତା ଅଭିଯୋଗ ରହିଛି। ସ୍ଥାନୀୟ ଅଙ୍ଗନୱାଡି କେନ୍ଦ୍ରରେ ଚାଲିଥିବା ଅନିୟମିତତା ନେଇ ଅଭିଯୋଗ ସତ୍ତ୍ୱେ ତଦନ୍ତ କରାଗଲାନାହିଁ। ଅଭିଯୋଗ ପରେ, ଉଭୟ ଅଙ୍ଗନୱାଡି କେନ୍ଦ୍ରର କର୍ମୀଙ୍କୁ ପଚାରିବାରୁ ଉଭୟ ଅନିୟମିତତାକୁ ଖଣ୍ଡନ କବା ସହ ସେମାନଙ୍କର କେନ୍ଦ୍ର ଠିକ୍ ଚାଲିଛି ବୋଲି ସଫେଇ ଦେଇଥିଲେ। ବାଣପୁର ଶିଶୁ ମଙ୍ଗଳ ଅଧିକାରିଣୀ ବିଦ୍ୟୁତ୍ ପ୍ରଭା ରଥଙ୍କୁ ପଚାରିବାରୁ ଗ୍ରାମବାସୀଙ୍କ ଅଭିଯୋଗ ମିଳିଛି। ଅଭିଯୋଗର ଶୀଘ୍ର ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ ବୋଲିସ ସେ କହିଥିଲେ।

## ପୋଖରୀରେ ବୁଡ଼ି ନାବାଳକ ମୃତ

ଗୋପ,୨୮।୮(ଡି.ଏନ୍.ଏ.)-

ଗୋପ ଥାନା ଅଧୀନ ଓରୁଆଳି ଗ୍ରାମର ପବିତ୍ର ବେହେରାଙ୍କ ପୁଅ ବଣ୍ଟି(୧୫) ବୁଧବାର ଗାଁ ପୋଖରୀରେ ବୁଡ଼ି ମୃତ୍ୟୁ ହୋଇଛି। ସୂଚନାଯୋଗ୍ୟ, ସ୍ଥାନୀୟ ଓରୁଆଳି ସ୍କୁଲର ୮ମ ଶ୍ରେଣୀରେ ପଢୁଥିବା ବଣ୍ଟି ବୁଧବାର ସକାଳ ୮ଟାରେ ସାଇକେଲ ଯୋଗେ ଗାଁ ପୋଖରୀକୁ ଗାଧୋଇବାକୁ ଯାଇଥିଲା। ମାତ୍ର ନିଜର ଅସାବଧାନତା ଯୋଗୁ ଗୋଡ଼ ଖସିଯିବାରୁ ପୋଖରୀରେ ବୁଡ଼ି ଯାଇଥିଲେ। ସ୍ଥାନୀୟ ଯୁବକମାନେ ପୋଖରୀକୁ ଯିବାବେଳେ ଜଣେ ଯୁବକ ଭାସୁଥିବାର ଦେଖି ଉଦ୍ଧାର କରି ଗୋପ ଡାକ୍ତରଖାନାକୁ ନେବା ସହ ପରିବାର ଲୋକଙ୍କୁ ଜଣାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଗୋପ ପୋଲିସ ପହଞ୍ଚି ମୃତଦେହକୁ ଜବତ କରିବା ସହ ନଂ୧୯/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ପରେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଚାରିଛକ ଡାକ୍ତରଖାନାକୁ ପଠାଇଛି। ତେବେ ନାବାଳକଙ୍କ ପରିବାର ଗରିବ ଶ୍ରେଣୀର ହୋଇଥିବାରୁ ତୁରନ୍ତ ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ କୁଆଁପଡ଼ା ସରପଞ୍ଚ କୃଷ୍ଣ ଚନ୍ଦ୍ର ବେହେରା ଦାବି କରିଛନ୍ତି।

■ ବୋଲଗଡ଼ ପଞ୍ଚାୟତ ସମିତି ବୈଠକ

## ଆବାସ, ଭତ୍ତା ଓ ପାନୀୟ ଜଳ ଯୋଗାଣ ଉପରେ ଗୁରୁତ୍ୱ

ବୋଲଗଡ଼,୨୮।୮(ଡି.ଏନ.ଏ.)

ବୋଲଗଡ଼ ପଞ୍ଚାୟତ ସମିତି ବୈଠକ ବୁଧବାର ବ୍ଲକ କାର୍ଯ୍ୟାଳୟସ୍ଥିତ ରାଜୀବ ଗାନ୍ଧୀ ସେବାଗୃହର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ସ୍ୱଚ୍ଛତା ଭାବେ ବ୍ଲକ ଅଞ୍ଚଳରେ କଚ୍ଚାଘର ଥିବା ସମସ୍ତ ହିତାଧିକାରୀଙ୍କୁ ଆବାସ ଯୋଜନାରେ ସାମିଲ କରି ପକ୍କାଘର ଯୋଗାଇ ଦେବାକୁ ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁ ବୈଠକରେ କହିଥିଲେ । ସେହିପରି ମଧୁସୂଦନ ଭତ୍ତା, ସାଧାରଣ ବଣ୍ଟନ ବ୍ୟବସ୍ଥାରେ ରାଶନ କାର୍ଡ, ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ଡାକ୍ତର ପଦବୀ ପୂରଣ, ପାନୀୟଜଳ ଯୋଗାଣ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ଠିକାଦାର ସଠିକ ସମୟରେ ଶେଷ କରିପାରି ନ ଥିବା ନେଇ ପଞ୍ଚାୟତ ପ୍ରତିନିଧିମାନେ ଅଭିଯୋଗ କରିଥିଲେ। ପାନୀୟ ଜଳ ପ୍ରକଳ୍ପ ଉପରେ ବିଭିନ୍ନ ପ୍ରଶ୍ନର ଉତ୍ତରରେ ବ୍ଲକ ଅଞ୍ଚଳର ସମସ୍ତ ପଞ୍ଚାୟତ ପାଇଁ ହେବାକୁ ଥିବା ମେଗା ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଥିବା ବିଭାଗୀୟ କନିଷ୍ଠ ଯନ୍ତ୍ରୀ ସୂଚନା ଦେଇଥିଲେ । ବୈଠକରେ କୃଷିଭିତ୍ତିକ ଯୋଜନାଗୁଡ଼ିକ ଉପରେ ବିଶେଷ ଆଲୋଚନା କରାଯାଇଥିଲା। ବ୍ଲକ ଅଧକ୍ଷ ଗୋପାଳ ଚରଣ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବିଧାୟକ ସାହୁ, ବିଡିଓ ମଧୁସୂଦନ ବେହେରା, ଏବିଡିଓ ରତିକାନ୍ତ ମିଶ୍ର, ଉପାଧକ୍ଷା ପ୍ରତିମା ସାହୁ, ଜିଲା ପରିଷଦ ସଭ୍ୟ ଅଶ୍ୱିନୀ କୁମାର ପଟ୍ଟନାୟକ , ତିଳୋତ୍ତମା ସୁବୁଦ୍ଧି ତ୍, ସୁମିତ୍ରା ବାହିନୀପତି ଏବଂ ଏମ୍‌ପି ପ୍ରତିନିଧି ଲୋତକ ବିନ୍ଦୁ ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ଥିଲେ ।



ବୈଠକରେ ଉପସ୍ଥିତ ପ୍ରତିନିଧି ଓ ଅଧିକାରୀମାନେ।

■ ୨୬ ହଜାର ଟଙ୍କା ଲୁଟ ଘଟଣା

## ୪ ଆନ୍ତଃ ଜିଲା ଲୁଟେରା ଜେଲ ଗଲେ

ଖୋର୍ଦ୍ଧା ଅଫିସ, ୨୮।୮

ଖୋର୍ଦ୍ଧା ଆଦର୍ଶ ଥାନା ମୁକୁନ୍ଦପ୍ରସାଦର ୨୬ ହଜାର ଟଙ୍କା ଲୁଟ୍ ଘଟଣା ଧରା ପକାଇଛି ୪ ହାଇୱେ ଲୁଟେରାଙ୍କୁ। ଏହି ଘଟଣାରେ ପୋଲିସ ନୟାଗଡ ଜିଲା ରଣପୁର ସାନଗଡ ଦଳିତସାହିର ବାଦଲ ଘଡେଇ (୨୪), ରାକେଶ ଘଡେଇ ଓରଫ ପିଣ୍ଟୁ (୨୩), ଓଡଗାଁ ଥାନା ନନ୍ଦିଘୋରର ସାନୁ ପ୍ରଧାନ ଓରଫ କାହ୍ନା(୨୨), ଭୁବନେଶ୍ୱର ଲକ୍ଷ୍ମୀସାଗର ଥାନା ବଡଗଡର ସିତେଶ ବରିସାଲ ଓରଫ ସିଟୁ(୧୯) ପ୍ରମୁଖ ୪ ଆନ୍ତଃ ଜିଲା ଲୁଟେରାଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ୪ ଲୁଟେରାଙ୍କୁ ଖୋର୍ଦ୍ଧା ସବ୍‌ଜେଲକୁ ଯିବାକୁ ପଡିଛି ବୋଲି ଖୋର୍ଦ୍ଧା ଆଦର୍ଶ ଥାନା ପରିସରରେ ବୁଧବାର ସନ୍ଧ୍ୟାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି କୃତ୍ତିବାସ ଜେନା ସୂଚନା ଦେଇଛନ୍ତି। ଅନ୍ୟପକ୍ଷେ ଏହି ଲୁଟେରାଙ୍କଠାରୁ ମାରୁତି କାର (ନଂ. ଓଡି୦୨ ଏ ଜେଡ ୨୭୩୧), ବାଇକ୍ (ନଂ. ଓଡି୦୨ ଏନ୍୯୦୨୩), ଲୁଟ୍ ହୋଇଥିବା ୨୬ ହଜାର ଟଙ୍କା ଓ ମୋବାଇଲ ଜବତ କରାଯାଇଛି।

ଅତିରିକ୍ତ ଏସ୍‌ପିଙ୍କ ସୂଚନା ଅନୁସାରେ, ଗତ ୨୬ ତାରିଖ ଅପରାହ୍ନରେ ଜଣେ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାର ମହିଳା ଏଜେଣ୍ଟ ମୁକୁନ୍ଦପ୍ରସାଦରୁ ୨୬ ହଜାର ଟଙ୍କା ଆଦାୟ କରି ସ୍କୁଟି ଯୋଗେ ଖୋର୍ଦ୍ଧାକୁ ଫେରୁଥିଲେ। ମୁକୁନ୍ଦପ୍ରସାଦଠାରେ ୩ ଜଣ ଲୁଟେରା ମହିଳା ଏଜେଣ୍ଟଙ୍କୁ ଠେଲି ୨୬ ହଜାର ଟଙ୍କା ଲୁଟ୍ କରିଥିଲେ। ଏହି ଲୁଟ୍ ଘଟଣା ଅଭିଯୋଗ ପରେ ପୋଲିସ ଦଫା ନଂ. ୩୯୫ ଆଇପିସିରେ ନଂ. ୨୬୨/୧୯ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିଲା। ଏପରିକି ଲୁଟେରାଙ୍କୁ ଧରିବାକୁ ଖୋର୍ଦ୍ଧା ଏସ୍‌ଡିପିଓ ସୁଶୀଲ ମିଶ୍ରଙ୍କ ନେତୃତ୍ୱରେ ଗଠିତ ସ୍କ୍ୱାଡ୍‌ରେ ଖୋର୍ଦ୍ଧା ଆଦର୍ଶ ଥାନା ଆଇଆଇସି ଉମାଶଙ୍କର ସିଂ, ଏସ୍‌ଆଇ ବିଜୟ କୁମାର ବେହେରା, ଶିଳ୍ପାଞ୍ଚଳ ଫାଣ୍ଡି ଅଧିକାରୀ ସମିତା ମିଶ୍ର ସାମିଲ ଥିଲେ। ସ୍କ୍ୱାଡ୍ ତଦନ୍ତରୁ ଜାଣିପାରିଥିଲା ଯେ, ହାଇୱେ ଲୁଟେରା ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାକୁ ଟାର୍ଗେଟ କରି ଲୁଟ୍ କରୁଛନ୍ତି। ମୁକୁନ୍ଦପ୍ରସାଦ ଲୁଟ୍ ଘଟଣାରେ ପୋଲିସ ମୁଖ୍ୟ ଅଭିଯୁକ୍ତ ରଣପୁରର ବାଦଲ ବୋଲି ଜାଣି ପାରିଥିଲା। ଏଣୁ ନୟାଗଡ ଜିଲାର ରଣପୁର ଥାନା ପୋଲିସ ସହାୟତାରେ ବାଦଲ ଓ ପିଣ୍ଟୁଙ୍କୁ ରଣପୁର ଘରୁ ଉଠାଇ ଆଣିଥିଲା। ସେହିପରି ଓଡଗାଁ ନନ୍ଦିଘୋରର ସାନୁଙ୍କ ସମେତ ଭୁବନେଶ୍ୱର ଲକ୍ଷ୍ମୀସାଗର ଥାନା ବଡଗଡର ସିତେଶଙ୍କୁ ଭୁବନେଶ୍ୱରରୁ ଉଠାଇ ଆଣି ଅଟକ ରଖି ପଚରାଉଚୁରା କରୁଥିଲା। ଏହି ଲୁଟେରାଙ୍କ ନାଁରେ ରଣପୁର ଓ ଚାନ୍ଦପୁର ଥାନାରେ ୮ଟି ମାମଲା ରହିଛି। ଅନ୍ୟପକ୍ଷେ ଲୁଟେରାମାନେ ଖୋର୍ଦ୍ଧା ଜିଲା ଦେଇ ଯାଇଥିବା ୧୬ ନଂ. ଓ ୫୭ ନଂ. ଜାତୀୟ ରାଜପଥ, ଖୋର୍ଦ୍ଧାର ମୁଖ୍ୟ ରାସ୍ତା, ନୟାଗଡ ଜିଲାର ନୟାଗଡ ଭାୟା ଶରଣକୁଳ ଓଡଗାଁ ରାସ୍ତା ଓ ଶରଣକୁଳଠାରୁ ପୁରୀ ନୂଆ ଜଗନ୍ନାଥ ସଡକରେ ବନ୍ଧୁକ ଦେଖାଇ ବାଇକ୍ ଆରୋହୀ ଓ ପଛରେ ବସିଥିବା ମହିଳାଙ୍କଠାରୁ ସୁନା, ରୁପା ଅଳଙ୍କାର, ଟଙ୍କା, ବାଇକ୍ ଲୁଟି ନେଇ ଖୋର୍ଦ୍ଧା ଓ ନୟାଗଡ ଜିଲାରେ ଭୟର ବାତାବରଣ ସୃଷ୍ଟି କରି ଚାଲିଥିଲେ। ଏହି ଲୁଟେରାଙ୍କ ଅନେକ ସହଯୋଗୀ ମଧ୍ୟ ଅଛନ୍ତି। ଉକ୍ତ ଖବରଦାତା ସମ୍ମିଳନୀରେ ଖୋର୍ଦ୍ଧା ଏସ୍‌ଡିପିଓ ମିଶ୍ର, ଖୋର୍ଦ୍ଧା ଆଦର୍ଶ ଥାନା ଆଇଆଇସି ସିଂ ପ୍ରମୁଖ ଉପସ୍ଥିତ ଥିଲେ।



ଭିତର ଚେତନାର ପରିବର୍ତ୍ତନ ନ ହେଲେ ବାହାର ପରିବର୍ତ୍ତନର କିଛି ମୂଲ୍ୟ ନାହିଁ;
କାରଣ ପ୍ରଖର ବୁଦ୍ଧି ଥିଲେ ବି ଜଣେ ଅଜ୍ଞାନ ଭାବରେ କାର୍ଯ୍ୟ କରିପାରେ।
-ମନୋଜ ଦାସ

## ସଂକ୍ଷେପରେ

### ଡିଇଓଙ୍କ ସହ ଓଷ୍ଟାର ଆଲୋଚନା

**ପୁରୀ ଅଫିସ, ୨୮।୮:** ପୁରୀ ଜିଲା ଶିକ୍ଷାଧିକାରୀ(ଡିଇଓ)ଙ୍କ ସହ ଓଡ଼ିଶା ମାଧମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ବୁଧବାର ଆଲୋଚନା କରିଛନ୍ତି। ସଂଘର ସଦସ୍ୟମାନେ ୮ଦଫା ଦାବି ଉପରେ ଡିଇଓଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମାସର ନିର୍ଦ୍ଧାରିତ ତାରିଖରେ ସବୁ ବର୍ଗର ଶିକ୍ଷକଙ୍କୁ ଦରମା, ବକେୟା ଦରମା ପଇଠ, ମୃତ୍ୟୁବରଣ କରିଥିବା କର୍ମଚାରୀଙ୍କ ପରିବାରର ଜଣକୁ ନିଯୁକ୍ତି ସୁଯୋଗ, ଶିକ୍ଷକ ଓ କର୍ମଚାରୀଙ୍କ ବର୍ଦ୍ଧିତ ଦରମା ତୁରନ୍ତ ପ୍ରଦାନ, ଶିକ୍ଷକ ପଦବୀ ପୂରଣ ଲାଗି ଦାବିରେ ଉଲ୍ଲେଖ କରାଯାଇଛି। ଡିଇଓ ବିଶ୍ୱଜିତ ଘୋଷ ଓଷ୍ଟାର ଦାବି ଉପରେ ଗୁରୁତ୍ୱ ଦେବେ ବୋଲି ପ୍ରତିଶ୍ରୁତି ପ୍ରଦାନ କରିଥିବା ଓଷ୍ଟା ସଭାପତି ଅଶୋକ କୁମାର ସ୍ୱାଇଁ କହିଛନ୍ତି। ଏହି ଆଲୋଚନାରେ ଓଷ୍ଟା ରାଜ୍ୟ ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ମହାନ୍ତି, ଜିଲା ସମ୍ପାଦକ ମହେନ୍ଦ୍ର କୁମାର ରଣସିଂ, ଯୁଗ୍ମ ସମ୍ପାଦକ ଜାମିନୀକାନ୍ତ ନାୟକ, ଶଙ୍କର ସୁବୁଦ୍ଧି, କୃଷ୍ଣଚନ୍ଦ୍ର ଦାଶ, ରମେଶ ପତି ଅଂଶଗ୍ରହଣ କରିଥିଲେ।

### ଗାଁରେ ଯୋଜନାର ରୂପାୟନ ପାଇଁ ପରାମର୍ଶ

**ସାକ୍ଷୀଗୋପାଳ, ୨୮।୮(ଡି.ଏନ୍.ଏ.):** ଗ୍ରାମ ପଞ୍ଚାୟତ ବିକାଶ ଯୋଜନାରେ ସବୁ ବର୍ଗର ଲୋକଙ୍କୁ ସାମିଲକରି ଖସଡ଼ା ପ୍ରସ୍ତୁତ କରିବାକୁ ଏକ ପ୍ରଶିକ୍ଷଣ ଶିବିର ବୁଧବାରଠାରୁ ଆରମ୍ଭ ହୋଇଛି। ପୁରୀ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଆନୁକୂଲ୍ୟରେ ସତ୍ୟବାଦୀ ବ୍ଲକର 'ସ୍ୱାଦ' କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ଶିବିରରେ ପ୍ରଶିକ୍ଷକ ଭାବେ ଶ୍ରୀପତି ମହାପାତ୍ର ଓ ଭୃଗୁ ନନ୍ଦନ ରଥ ଉପସ୍ଥିତ ପଞ୍ଚାୟତ ପ୍ରତିନିଧିମାନଙ୍କୁ ଗାଁର ଯୋଜନା ଗାଁରେ ରୂପାୟନ କରିବାକୁ ପରାମର୍ଶ ଦେଇଥିଲେ। ଖସଡ଼ା ପ୍ରସ୍ତୁତ ସମୟରେ ପ୍ରମୁଖ ସମସ୍ୟାଗୁଡିକ ଦୂରୀକରଣ ନିମନ୍ତେ ଅଗ୍ରାଧିକାର ଦେବାକୁ କହିଥିଲେ। ସ୍ୱାଦର ସମ୍ପାଦକ ବୀଣାପାଣି ମିଶ୍ର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିବା ବେଳେ ସଂଯୋଜକ ଶିଶିର ମିଶ୍ର ପରିଚାଳନା କରିଥିଲେ। ପ୍ରଥମ ପର୍ଯ୍ୟାୟରେ ଜୟପୁର, ପେଣ୍ଠପଡା, କାଦୁଆ, ଦୁଗଲ ଓ ବିଶ୍ୱନାଥପୁର ପଞ୍ଚାୟତର ସରପଞ୍ଚ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ, ଆଶା କର୍ମୀ, ଅଙ୍ଗନୱାର୍ଡ କର୍ମୀ ଓ ୱାର୍ଡ ସଭ୍ୟାସଭ୍ୟମାନେ ଏଥିରେ ଯୋଗଦେଇଛନ୍ତି।

### ରୋଟାରୀ କ୍ଲବ ପୁରୀ ସାଗରର ଅଧିଷ୍ଠାନ ଉତ୍ସବ

**ପୁରୀ ଅଫିସ, ୨୮।୮:** ପୁରୀରେ ନୂତନ ଭାବେ ଗଢି ଉଠିଥିବା ରୋଟାରୀ କ୍ଲବ ପୁରୀ ସାଗରର ବୁଧବାର ଚାର୍ଟର ଉପସ୍ଥାପନ ଏବଂ ଅଧିଷ୍ଠାନ ଉତ୍ସବ ପାଳିତ ହୋଇଛି। ସ୍ଥାନୀୟ ଏକ ହୋଟେଲ ପରିସରରେ ଅନୁଷ୍ଠିତ ଏହି ଉତ୍ସବରେ ସଭାପତି ଅଶୋକ ପାତ୍ର ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ରୋଟାରିଆନ ଦେବାଶିଷ ମିଶ୍ର, ଉପଦେଷ୍ଟା ରୋଟାରିଆନ ପ୍ରକାଶ ମହାନ୍ତି, ପ୍ରଥମ ମହିଳା ଅପର୍ଣ୍ଣା ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ପ୍ରମୋଦ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ଧବଳେଶ ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଉପଦେଷ୍ଟା ମହାନ୍ତି, ପୋଲିସ ଅଧିକାରୀ ଜ୍ଞାନରଞ୍ଜନ ମହାପାତ୍ର ଏବଂ ବିଜୟଲକ୍ଷ୍ମୀ ଖୁଣ୍ଟିଆଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଆଜି ଜାତୀୟ କ୍ରୀଡ଼ା ଦିବସ

# କ୍ରୀଡ଼ାର ଅନ୍ତୁଡ଼ିଶାଳ ଝାଡ଼େଶ୍ୱରୀ କ୍ଲବ



ପୁରୀର ଝାଡେଶ୍ୱରୀ କ୍ଲବ।



କ୍ଲବ ପରିସରରେ କ୍ରୀଡ଼ାବିତ୍‌ମାନେ ଯୋଗାଭ୍ୟାସ କରୁଛନ୍ତି।

**ପୁରୀ ଅଫିସ, ୨୮।୮**

ଓଡ଼ିଶାର ଏକ ଲବ୍ଧ ପ୍ରତିଷ୍ଠିତ କ୍ରୀଡାନୁଷ୍ଠାନ ମଧ୍ୟରୁ ଅନ୍ୟତମ ହେଉଛି ଝାଡ଼େଶ୍ୱରୀ କ୍ଲବ। କେତେଜଣ ଫୁଟବଲ ଖେଳାଳିଙ୍କୁ ନେଇ ୧୯୬୮ରେ ଆରମ୍ଭ ହୋଇଥିଲା ଏହି କ୍ଲବ। କ୍ଲବ ନିକଟରେ ଥିବା ମା' ଝାଡେଶ୍ୱରୀ ଠାକୁରାଣୀଙ୍କ ନାମ ଅନୁସାରେ ଏହି କ୍ଲବ ନାମିତ ହୋଇଛି। ପୁରୀ ସହରରେ କ୍ରୀଡ଼ାର ବିକାଶ ଲାଗି ଗଢି ଉଠିଥିବା ଏହି କ୍ଲବ ପ୍ରଥମେ ଏକ ଭଡାଘରେ ଆରମ୍ଭ ହୋଇଥିଲା। ତନ୍ତି ମଠ ମହନ୍ତ କ୍ଲବ ଘର ଲାଗି ଜାଗା ଯୋଗାଇଦେଇଥିଲେ। ଦୀର୍ଘ ୫୦ବର୍ଷ ଧରି ପୁରୀ ଜିଲାରେ କ୍ରୀଡ଼ାର ବିକାଶରେ ଏହି ଅନୁଷ୍ଠାନ କାର୍ଯ୍ୟ କରିଆସୁଛି। ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ବହୁ ଖେଳାଳି ଏଠାରୁ ପ୍ରଶିକ୍ଷଣ ପ୍ରାପ୍ତ କରି ସଫଳତା ହାସଲ କରିଛନ୍ତି। ୧୯୭୪ ମସିହାରେ ରେଜିଷ୍ଟ୍ରିଭୁକ୍ତ ହୋଇଥିବା ଏହି ଅନୁଷ୍ଠାନର ପ୍ରଥମ ସଭାପତି ଥିଲେ ନିରଞ୍ଜନ ପ୍ରସାଦ କର ଓ ସମ୍ପାଦକ ଥିଲେ ନୀଳକଣ୍ଠ ମିଶ୍ର। ବର୍ତ୍ତମାନ କୃଷ୍ଣଚନ୍ଦ୍ର ଦାଶ ଏହାର ସଭାପତି ଏବଂ ସମ୍ପାଦକ ପାର୍ଥସାରଥି ମହାପାତ୍ର ରହିଛନ୍ତି।

ଫୁଟବଲରେ ଏହି ଅନୁଷ୍ଠାନର ଖେଳାଳିମାନେ ରାଜ୍ୟ ତଥା ଜାତୀୟ ସ୍ତରରେ ଗୌରବ ଅର୍ଜନ କରିଛନ୍ତି। କ୍ଲବର କ୍ରୀଡାବିତ୍ ସରୋଜ କୁମାର ପଟ୍ଟନାୟକ ୧୯୯୭-୯୮ରେ ଭାରତୀୟ ଦଳରେ ଅଂଶଗ୍ରହଣ କରି ଅନ୍ତର୍ଜାତୀୟ ଫୁଟବଲ ପ୍ରତିଯୋଗିତାରେ ପାରଦର୍ଶିତା ଅର୍ଜନ କରିଥିଲେ। ୧୯୭୩ରେ ରାଜ୍ୟସ୍ତରକୁ ୧୭ଜଣ ଖେଳାଳି ପ୍ରତିନିଧିତ୍ୱ କରିଥିଲେ। ୪ଜଣ ଖେଳାଳି ଓଡିଶାରୁ ପ୍ରତିନିଧିତ୍ୱ କରିଥିଲେ। ବିଶ୍ୱଜିତ ନାୟକ ଓ ଅଶୋକ କୁମାର ଛୁଆଳ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ୫ଟି ସ୍ୱର୍ଣ୍ଣ ପଦକ ସହ ୪ଟି ରୌପ୍ୟପଦକ ହାସଲ କରିଛନ୍ତି। କ୍ଲବର ଖେଳାଳି ଅକ୍ଷୟ କୁମାର ମହାନ୍ତି ଭାରତୀୟ ରେଲୱେରୁ ପ୍ରତିନିଧିତ୍ୱ କରି ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ୧୯୯୭ରେ କ୍ଲବ ପରିସରରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଜିମ୍ନାଷ୍ଟିକ୍ ପ୍ରତିଯୋଗିତାରେ କେ.କ୍ରିଷ୍ଣାରାଓ ସିନିୟର ବିଭାଗରେ ଚାମ୍ପିୟନ ହୋଇଥିଲେ। କ୍ଲବର ଖେଳାଳିମାନେ ଓଡ଼ିଶାରୁ ମାଲଖମ୍ବରେ ଜାତୀୟ ସ୍ତରରେ ପ୍ରତିନିଧିତ୍ୱ କରି ୧୯୯୬ରେ ୩ୟ ୧୯୯୭ରେ ୨ୟ ଏବଂ ୧୯୯୯ ମସିହାରେ ପ୍ରଥମ ସ୍ଥାନ ହାସଲ କରିଥିଲେ। କବାଡି, ଖୋଖୋ, ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ମହିଳା ଖେଳାଳିମାନେ ବିଭିନ୍ନ ସ୍ତରରେ ସୁନାମ ଅର୍ଜନ କରିଛନ୍ତି। ଥ୍ରୋ-ବଲ୍‌ରେ ପ୍ରଦୀପ ସାହୁ ୧୯୯୩-୯୪ରେ ଥାଇଲାଣ୍ଡ ଓ ବ୍ୟାଙ୍କକ୍‌ଠାରେ ଅନୁଷ୍ଠିତ ଆନ୍ତର୍ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ସଫ୍ଟବେସବଲ୍‌ରେ ରଶ୍ମୀରଞ୍ଜନ ସାହୁ ଥାଇଲାଣ୍ଡଠାରେ ଅନୁଷ୍ଠିତ ଅନ୍ତର୍ଜାତୀୟ ମ୍ୟାଚରେ ଅଂଶଗ୍ରହଣ କରିଥିଲେ। ତାଙ୍କ ସମସ୍ତ ଖର୍ଚ୍ଚ କ୍ଲବ ବହନ କରିଥିଲା। ସେହିଭଳି ସ୍କେଟିଂ, ସୁଟିଂବଲ, ତୀରନ୍ଦାଜୀ ହକି, ଜୁଡୋ, ବାସ୍କେଟବଲରେ କ୍ଲବର ଖେଳାଳୀ ମାନେ ଜିଲା, ରାଜ୍ୟ ତଥା ଜାତୀୟସ୍ତରରେ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଉଚ୍ଚକୋଟୀର କୀଡା ପ୍ରଦର୍ଶନ କରି ଆସୁଛନ୍ତି। କ୍ଲବ ସଭାପତି ଦାଶ କୁହନ୍ତି, ପ୍ରଳୟଙ୍କରୀ ବାତ୍ୟାରେ କ୍ଲବ ଛାତର ଆଜବେଷ୍ଟସ୍ ଉଡିଯାଇଥିବାବେଳେ ବହୁ କ୍ରୀଡ଼ା ସାମଗ୍ରୀ ନଷ୍ଟ ହୋଇଯାଇଛି। କ୍ଲବ ପୁଣି ଥରେ ମୁଣ୍ଡ ଟେକିବାକୁ ଚେଷ୍ଟା କରୁଛି। କ୍ଲବ ପକ୍ଷରୁ ପ୍ରତିବର୍ଷ ବିଭିନ୍ନ ପ୍ରତିଭାବାନ ଖେଳାଳିଙ୍କୁ ବିଭିନ୍ନ ସମୟରେ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି। ସରକାରଙ୍କ ପକ୍ଷରୁ ଉକ୍ତ କ୍ଲବକୁ ପ୍ରୋତ୍ସାହନ ଯୋଗାଇ ଦିଆଗଲେ ଖେଳାଳିଙ୍କୁ ପ୍ରଶିକ୍ଷଣ ଦେବାରେ ସହାୟକ ହୋଇପାରିବ। କ୍ଲବ କୋଷାଧକ୍ଷ ଜିତେନ୍ଦ୍ର ଦାଶ କୁହନ୍ତି, ଝାଡେଶ୍ୱରୀ କ୍ଲବ ହେଉଛି ପୁରୀ ସହରର ବହୁ ପୁରାତନ କ୍ଲବ। କ୍ଲବ ସରକାରୀ ପ୍ରୋତ୍ସାହନ ଅଭାବ ତଥା ଆର୍ଥିକ ଅନଟନ କାରଣରୁ ବିଭିନ୍ନ ସମସ୍ୟା ଦେଇ ଗତି କରୁଛି। ଅର୍ଥ ଅଭାବରୁ ୨୦୧୬ ମାର୍ଚ୍ଚ ନେପାଳରେ ଅନୁଷ୍ଠିତ ହୋଇଥିବା ଆନ୍ତର୍ଜାତିକ ଥ୍ରୋ ବଲ ଚାମ୍ପିୟନ୍‌ଶିପ୍ ଲାଗି ଯୋଗ୍ୟତା ହାସଲ କରିଥିବା ଆକାଶ ପଟ୍ଟନାୟକ, ଜଗା ରେଡ୍ଡୀ ଓ ପ୍ରଗତି ପ୍ରଧାନ ଅଂଶଗ୍ରହଣ କରିବାରୁ ବଞ୍ଚିତ ହୋଇଥିଲେ।

## ଷ୍ଟେସନ ପରିସରରୁ ୫ ନାବାଳିକା ଉଦ୍ଧାର

**ପୁରୀ ଅଫିସ, ୨୮।୮**

ପୁରୀ ରେଲୱେ ଷ୍ଟେଶନ ପରିସରରୁ ଆରପିଏଫ୍ ୫ଜଣ ନାବାଳିକାଙ୍କୁ ବୁଧବାର ଉଦ୍ଧାର କରିଛନ୍ତି। ପରେ ଉଦ୍ଧାର ନାବାଳିକାଙ୍କୁ ଚାଇଲ୍ଡ ଲାଇନକୁ ହସ୍ତାନ୍ତର କରାଯାଇଛି। ସେମାନଙ୍କ ବୟସ ୧୫ରୁ ୧୮ବର୍ଷ ମଧ୍ୟରେ ହୋଇଥିବା ଜଣାପଡିଛି। ଉଦ୍ଧାର ନାବାଳିକାଙ୍କ ଘର କନ୍ଧମାଳ ଅଞ୍ଚଳର ବୋଲି ଜଣାପଡିଛି। ଆରପିଏଫ୍ ଥାନାଧିକାରୀ ଅନିଲ କୁମାର ସିଂଙ୍କୁ ପଚାରିବାରେ ବୁଧବାର ଷ୍ଟେଶନ ପରିସର ଯାତ୍ରୀ ଅପେକ୍ଷା ଗୃହରେ ୫ଜଣ ନାବାଳିକା ବସିଥିବା ନେଇ ସିସିଟିଭି ଫୁଟେଜରେ ଜଣାପଡିଥିଲା। ଡ୍ୟୁଟିରେ ଥିବା ଏଏସ୍‌ଆଇ ବି.କେ.ବଳ, ମହିଳା ହାବିଲଦାର ବନଲତା ଜେନା, ଗୀତା ସେଠୀ, କନଷ୍ଟେବଳ ସପନ ସାହୁ ଘଟଣା ସ୍ଥଳରେ ପହଞ୍ଚି ସେମାନଙ୍କୁ ପଚରାଉଚରା କରିଥିଲେ। ସେମାନଙ୍କୁ ଥାନାକୁ ଅଣାଯାଇଥିଲା। ଜନୈକ ଠିକାଦାର ସେମାନଙ୍କ ଗ୍ରାମକୁ ଯାଇ ଆନ୍ଧ୍ରପ୍ରଦେଶରେ ଏକ କମ୍ପାନୀରେ ଚାକିରି କରାଇଦେବାକୁ କହି ପୁରୀ ଷ୍ଟେଶନକୁ ଆସିବାକୁ କହିଥିଲେ। ଠିକାଦାରଙ୍କ କହିବା ଅନୁସାରେ ପୁରୀ-ତିରୁପତି ଏକ୍ସପ୍ରେସରେ ଯିବା ଲାଗି ପୁରୀ ଷ୍ଟେଶନ ଆସିଥିଲେ। ଟ୍ରେନ ବିଳମ୍ବ ଥିବାରୁ ଯାତ୍ରୀ ଅପେକ୍ଷା ଗୃହରେ ବସିଥିଲେ। ସେମାନଙ୍କ ବୟାନ ମୁତାବକ ଆରପିଏଫ୍ ପୋଲିସ ଷ୍ଟେଶନ ପରିସରରେ ତିରୁପତି ଏକ୍ସପ୍ରେସ ନିକଟରେ ସଂପୃକ୍ତ ଠିକାଦାରଙ୍କୁ ଖୋଜିଥିଲା। ତେବେ ପାଇ ନ ଥିଲେ। ପରେ ସେମାନଙ୍କ ପରିବାର ସହ ଯୋଗାଯୋଗ କରାଯାଇଥିଲା। ଚାଇଲ୍ଡ ଲାଇନକୁ ଡକାଯାଇ ହସ୍ତାନ୍ତର କରାଯାଇଥିବା କହିଛନ୍ତି।

## ନକଲି ପାନମସଲା ଜବତ, ଜଣେ ଗିରଫ

**କଣାସ, ୨୮।୮(ସ୍ୱ.ପ୍ର.)**

କଣାସ ହାଟବଜାରର ଏକ ରାଶନ ଦୋକାନରୁ କଣାସ ଥାନା ଭାରପ୍ରାପ୍ତ ଅଧିକାରୀ ସୁଶାନ୍ତ କୁମାର ବେହେରା ୧୧୪ପ୍ୟାକେଟ ନକଲି ପାନମସଲା ଜବତ କରିବା ସହିତ ଜଣକୁ ଗିରଫକରି କୋର୍ଟ ଚାଲାଣ କରିଛନ୍ତି। ପୋଲିସ ସୂଚନା ଅନୁସାରେ, କଣାସରେ ବହୁଳଭାବେ ନକଲି ପାନମସଲା ବିକ୍ରି ହେଉଥିବା ନେଇ ପାନମସଲା ତିଆରି କରୁଥିବା କମ୍ପାନୀର କର୍ମଚାରୀମାନେ ପୁରୀ ଆରକ୍ଷୀ ଅଧୀକ୍ଷକଙ୍କ ନିକଟରେ ଅଭିଯୋଗ କରିଥିଲେ। ଆରକ୍ଷୀ ଅଧୀକ୍ଷକ କଣାସ ଥାନା ଭାରପ୍ରାପ୍ତ ଅଧିକାରୀଙ୍କୁ ତୁରନ୍ତ ଏନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ହାଟବଜାରରେ ଦୋକାନ କରିଥିବା ବିଜୟ ବେହେରାଙ୍କ ସାନପୁଅ ବୁଲୁ ବେହେରାଙ୍କୁ ଗିରଫକରି କଣାସ ଥାନା କେସ୍ ନମ୍ବର ୮୭/୧୯ ନମ୍ବରରେ ମାମଲା ରୁଜୁ କରିଥିଲା।

## କୃଷ୍ଣ ବଳରାମ ବେଶରେ ଦର୍ଶନ ଦେଲେ ମହାପ୍ରଭୁ

**ପୁରୀ ଅଫିସ, ୨୮।୮**



ଭାଦ୍ରବ କୃଷ୍ଣ ତ୍ରୟୋଦଶୀ ତିଥିରେ ବୁଧବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ କୃଷ୍ଣ ବଳରାମ ବେଶ ଅନୁଷ୍ଠିତ ହୋଇଛି। ମଧ୍ୟାହ୍ନ ଧୂପ ନୀତି ପରେ ରତ୍ନସିଂହାସନରେ ଅନୁଷ୍ଠିତ ଏହି ବେଶ ଦର୍ଶନ ଲାଗି ଶ୍ରୀମନ୍ଦିରରେ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଏହି ବେଶରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଶ୍ରୀକୃଷ୍ଣ ରୂପରେ, ବଡଠାକୁର ବଳରାମ ଓ ଦେବୀ ସୁଭଦ୍ରା ଭଗିନୀ ରୂପରେ ସୁଶୋଭିତ ହୋଇଥାନ୍ତି। ଶ୍ରୀଜଗନ୍ନାଥ ମହାପ୍ରଭୁ ଦକ୍ଷିଣ ଭୁଜରେ ବଂଶୀ ଓ ବାମ ଭୁଜରେ ସୋଲ ନିର୍ମିତ ପଦ୍ମ, ବଡଠାକୁର ଡାହାଣ ଭୁଜରେ ସିଙ୍ଗା ଏବଂ ବାମ ଭୁଜରେ ସୋଲ ପଦ୍ମ ଧାରଣ କରିଥାନ୍ତି। ଶ୍ରୀଜଗନ୍ନାଥ ଏବଂ ବଡ଼ଠାକୁର ପଦକୁ ଛନ୍ଦି ଦଣ୍ଡାୟମାନ ଭଙ୍ଗୀରେ ରହିଥାନ୍ତି। ଦେବୀ ସୁଭଦ୍ରାଙ୍କ ସମ୍ମୁଖ ଭାଗରେ ଗୋଟିଏ ଛୋଟ ଖଟୁଳି ପଡ଼ିଥାଏ। ତାହା ଉପରେ ପଦ୍ମାସନରେ ଉପବେଶନ କଲାଭଳି ଦେବୀ ସୁଭଦ୍ରା ରହିଥାନ୍ତି। ବର୍ଷକ ମଧ୍ୟରେ ଏହି ଗୋଟିଏ ଦିନ ଦେବୀ ସୁଭଦ୍ରା ଚାରି ଭୁଜ ଧାରଣ କରନ୍ତି। ତଳ ଦୁଇ ଭୁଜରେ ଅଭୟ ଓ ବରଦ ମୁଦ୍ରା ଏବଂ ଉପର ଦୁଇ ଭୁଜରେ ପାଶ ଓ ଅଙ୍କୁଶ ଧାରଣ କରିଥାନ୍ତି। ଏହି ବେଶରେ ଶ୍ରୀଜଗନ୍ନାଥ ଓ ବଡ଼ଠାକୁର ଚୂଳ ଧାରଣ କରନ୍ତି। ଏଥିରେ ସୋଲରେ ନିର୍ମିତ କଦମ୍ବଫୁଲ, ମଲ୍ଲୀ କଢ଼ି ପ୍ରଭୃତି ଖଞ୍ଜା ଯାଇଥାଏ। ତିନିଠାକୁର ସୋଲରେ ନିର୍ମିତ କିରୀଟ ମଧ୍ୟ ପରିଧାନ କରିଥାନ୍ତି। ଶ୍ରୀବିଗ୍ରହଙ୍କ ସମ୍ମୁଖ ଭାଗରେ କାଠରେ ନିର୍ମିତ ଚାରୋଟି ଗାଈ ବାଛୁରି ରଖାଯାଇଥାଏ। କାଠରେ ନିର୍ମିତ ହୋଇଥିବା ନନ୍ଦ, ଉପନନ୍ଦ, ବସୁଦେବ, ଚତୁର୍ମୁଖ ବ୍ରହ୍ମା, ସହସ୍ରଚକ୍ଷୁ ଇନ୍ଦ୍ର, ନାରଦ, ଦେବକୀ, ଯଶୋଦା, ରୋହିଣୀ, ଗୋପୀ, ଗୋପାଳ ପ୍ରଭୃତି ରଖାଯାଇଥାଏ। ଏହି ବେଶ ଦେଖିଲେ ଗୋପୀଗୋପାଳଙ୍କ ସହିତ ଭଗବାନ କୃଷ୍ଣବଳରାମ ବୃନ୍ଦାବନରେ ଲୀଳା କରୁଥିଲା ଭଳି ପ୍ରତୀୟମାନ ହୋଇଥାଏ। ଏହି ବେଶ ଥାଇ ମହାପ୍ରଭୁଙ୍କୁ ଖିରି ଓ ଅମାଲୁ ଭୋଗ ଅର୍ପଣ କରାଯାଇଥାଏ।



ସୁଇଜରଲାଣ୍ଡର ବାସେଲଠାରେ ଶେଷ ହୋଇଥିବା ପାରା-ବ୍ୟାଡମିଣ୍ଟନ ବିଶ୍ୱ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ଜିତିଥିବା ମାନସୀ ଯୋଶୀ ଓ ଓଡ଼ିଶାର ପ୍ରମୋଦ ଭଗତଙ୍କୁ ଶୁଭେଚ୍ଛା ଜଣାଇ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ପୁରୀ ବେଳାଭୂମିରେ ବୁଧବାର ବାଲୁକା କଳା ପ୍ରସ୍ତୁତ କରିଛନ୍ତି।

## ପୋଖରୀରେ ବୁଡ଼ି ନାବାଳକ ମୃତ

**ଗୋପ,୨୮।୮(ଡି.ଏନ୍.ଏ.)**

ଗୋପ ଥାନା ଅଧୀନ ଓରୁଆଳି ଗ୍ରାମର ପବିତ୍ର ବେହେରାଙ୍କ ପୁଅ ବଣ୍ଟି(୧୫) ବୁଧବାର ଗାଁ ପୋଖରୀରେ ବୁଡ଼ି ମୃତ୍ୟୁ ହୋଇଛି। ସୂଚନାଯୋଗ୍ୟ, ସ୍ଥାନୀୟ ଓରୁଆଳି ସ୍କୁଲର ୮ମ ଶ୍ରେଣୀରେ ପଢୁଥିବା ବଣ୍ଟି ବୁଧବାର ସକାଳ ୮ଟାରେ ସାଇକେଲ ଯୋଗେ ଗାଁ ପୋଖରୀକୁ ଗାଧୋଇବାକୁ ଯାଇଥିଲା। ମାତ୍ର ନିଜର ଅସାବଧାନତା ଯୋଗୁ ଗୋଡ଼ ଖସିଯିବାରୁ ପୋଖରୀରେ ବୁଡ଼ି ଯାଇଥିଲେ। ସ୍ଥାନୀୟ ଯୁବକମାନେ ପୋଖରୀକୁ ଯିବାବେଳେ ଜଣେ ଯୁବକ ଭାସୁଥିବାର ଦେଖି ଉଦ୍ଧାର କରି ଗୋପ ଡାକ୍ତରଖାନାକୁ ନେବା ସହ ପରିବାର ଲୋକଙ୍କୁ ଜଣାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଗୋପ ପୋଲିସ ପହଞ୍ଚି ମୃତଦେହକୁ ଜବତ କରିବା ସହ ନଂ୧୯/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ପରେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଚାରିଛକ ଡାକ୍ତରଖାନାକୁ ପଠାଇଛି। ତେବେ ନାବାଳକଙ୍କ ପରିବାର ଗରିବ ଶ୍ରେଣୀର ହୋଇଥିବାରୁ ତୁରନ୍ତ ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ କୁଆଁପଡ଼ା ସରପଞ୍ଚ କୃଷ୍ଣ ଚନ୍ଦ୍ର ବେହେରା ଦାବି କରିଛନ୍ତି।

## ଛାତ୍ରୀଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ, ଧରାପଡ଼ିଲେ ନାବାଳକ

### ମୁଖ୍ୟ ଅଭିଯୁକ୍ତ ସମେତ ୨ ଫେରାର

**ଗୋପ,୨୮।୮(ଡି.ଏନ୍.ଏ.)**

ଗୋପ ଥାନା ଅଞ୍ଚଳରେ ଜଣେ ଯୁକ୍ତ ଦୁଇ ନାବାଳିକା ଛାତ୍ରୀଙ୍କ ଅଶ୍ଳୀଳ ଭିଡିଓ କରି ଭାଇରାଲ କରିବା ଅଭିଯୋଗରେ ପୋଲିସ ମଙ୍ଗଳବାର ଜଣେ ନାବାଳକଙ୍କୁ ଧରି ବୁଧବାର ପୁରୀ ଜୁଭେନାଇଲ କୋର୍ଟକୁ ପଠାଇଛି। ଏଥିରେ ସମ୍ପୃକ୍ତ ଥିବା ମୁଖ୍ୟ ଅଭିଯୁକ୍ତ ଓ ଅନ୍ୟ ଜଣେ ସହପାଠୀ ଫେରାର ଥିବାବେଳେ ଖୁବଶୀଘ୍ର ଉଭୟଙ୍କୁ ଧରାଯିବ ବୋଲି ଥାନାଧିକାରୀ ସୁଧୀର କୁମାର ସାହୁ କହିଛନ୍ତି। ପୋଲିସ ସୂଚନା ମୁତାବକ, ଉକ୍ତ ଛାତ୍ରୀଜଣକ ସେ ଥାନା ଅଞ୍ଚଳର ଏକ କଲେଜରେ ପଢୁଥିବା ବେଳେ ଘର ନିକଟସ୍ଥ ବଜାରରେ ଟ୍ୟୁସନ ହେଉଥିଲେ। ସେହି ଟ୍ୟୁସନରେ ଅଭିଯୁକ୍ତ ନାବାଳକଙ୍କ ସମେତ ଅନ୍ୟ ୨ଜଣ ପଢୁଥିଲେ। ତେବେ ଗତ ଜୁନ ମାସ ରଜ ସମୟରେ ନାବାଳିକାଙ୍କୁ ଟ୍ୟୁସନ ଘରେ ଧରାପଡିଥିବା ନାବାଳକ ବଳାତ୍କାର ଉଦ୍ୟମ କରୁଥିବାବେଳେ ଅନ୍ୟ ୨ଜଣ ଭିଡିଓ ରେକର୍ଡିଂ କରିଥିଲେ। ପରେ ଉକ୍ତ ନାବାଳକ ଏହି ଭିଡିଓକୁ ଭାଇରାଲ କରିବା ଧମକ ଦେଇ ନାବାଳିକାଙ୍କୁ ବାରମ୍ବାର ଫୋନରେ ହଇରାଣ କରିବା ସହ ଏକାନ୍ତ ସ୍ଥାନକୁ ଡାକୁଥିଲେ। ଏଥିରେ ସେ ଅରାଜି ହେବାରୁ ସେ ଭିଡିଓଟିକୁ ସୋସିଆଲ ମିଡିଆରେ ଭାଇରାଲ କରିଦେଇଥିଲେ। ଭିଡିଓ ଭାଇରାଲ ଘଟଣା ନାବାଳିକାଙ୍କ ପରିବାର ଲୋକ ଜାଣିବା ପରେ ମଙ୍ଗଳବାର ଥାନାରେ ଛାତ୍ରୀଙ୍କ ମାଆ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ନଂ ୧୧୪/୧୯ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ରାତିରେ ହିଁ ପ୍ରଥମେ ଧରାପଡିଥିବା ନାବାଳକଙ୍କୁ ଆଣି ପଚରାଉଚୁରା କରିବା ପରେ ଘଟଣା ବିଷୟରେ ସେ ମାନିଥିଲେ। ସେହି ସମୟରେ ଅନ୍ୟ ଦୁଇଜଣ ନାବାଳକ ଫେରାର ହୋଇଯାଇଥିଲେ।

## ସର୍ବସାଧାରଣ ଶୌଚାଳୟ, ରାସ୍ତା ସମ୍ପ୍ରସାରଣ ପାଇଁ ଉଚ୍ଛେଦ ଆରମ୍ଭ

**କୋଣାର୍କ,୨୮।୮(ଡି.ଏନ୍.ଏ.)**

କୋଣାର୍କରେ ସ୍ୱଚ୍ଛତା, ରାସ୍ତା ସମ୍ପ୍ରସାରଣ ଏବଂ ସର୍ବସାଧାରଣ ଶୌଚାଳୟ ନିର୍ମାଣ ପାଇଁ ବସଷ୍ଟାଣ୍ଡ ପରିସରରେ ସ୍ଥାନୀୟ ଏନ୍‌ଏସି ପକ୍ଷରୁ ବୁଧବାର ଜମିଅଧିଗ୍ରହଣ କରାଯାଇଛି। ପୁରୀ ଜିଲାପାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପର୍ଯ୍ୟଟନକ୍ଷେତ୍ର କୋଣାର୍କକୁ ସ୍ୱଚ୍ଛତାମୁକ୍ତ ସହର ଲକ୍ଷ୍ୟ ନେଇ ବର୍ଜ୍ୟବସ୍ତୁ ପରିଚାଳନା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଏହାକୁ ଦୃଷ୍ଟିରେ ରଖି କୋଣାର୍କ ଏନ୍‌ଏସି ନିର୍ବାହୀ ଅଧିକାରୀ ଏମ୍. ଶ୍ରୀନିବାସଙ୍କ ନେତୃତ୍ୱରେ ଡ୍ରୋଜର ଦ୍ୱାରା କୋଣାର୍କ ବସଷ୍ଟାଣ୍ଡରେ ସରକାରୀ ଜମିକୁ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଟୁରିଷ୍ଟି ମାର୍କେଟର ରାସ୍ତା ପାର୍ଶ୍ୱରେ ଥିବା ଉଠାଦୋକାନୀଗୁଡିକୁ ମଧ ଉଚ୍ଛେଦ କରାଯାଇଛି। ଆଗାମୀ ଦିନରେ ରାସ୍ତାପାର୍ଶ୍ୱରେ ଥିବା ବେଆଇନ ଉଠାଦୋକାନଗୁଡ଼ିକ ପର୍ଯ୍ୟାୟକ୍ରମେ ଉଚ୍ଛେଦ କରାଯିବା ସହ ଆସନ୍ତା ୩୧ସ୍ୱାୟତ୍ତ ଶାସନ ଦିବସ ଅବସରରେ ଓଡ଼ିଶା ସରକାରଙ୍କ କ୍ରୀଡା ଓ ଯୁବବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କ ଦ୍ୱାରା ସର୍ବସାଧାରଣ ଶୌଚାଳୟ ନିର୍ମାଣ ପାଇଁ ଶିଳାନ୍ୟାସ କରାଯିବ ବୋଲି ଏନ୍‌ଏସି ନିର୍ବାହୀ ଅଧିକାରୀ ଏମ ଶ୍ରୀନିବାସ ପ୍ରକାଶ କରିଛନ୍ତି।

## ଧନୁଆଁ, ଭାର୍ଗବୀ ଓ କୁଶଭଦ୍ରା ନଦୀ ସୁରକ୍ଷା କାର୍ଯ୍ୟକ୍ରମ

**ନିମାପଡ଼ା,୨୮।୮(ଡି.ଏନ୍.ଏ.)**

ସାମାଜିକ ଅନୁଷ୍ଠାନ ଓପନ ଲର୍ନିଙ୍ଗ ସିଷ୍ଟମ ଅନୁଷ୍ଠାନ ପକ୍ଷରୁ ଧନୁଆଁ, ଭାର୍ଗବୀ ଓ କୁଶଭଦ୍ରା ନଦୀର ସୁରକ୍ଷା ପାଇଁ ଏକ ଜନସଚେତନତା ଅଭିଯାନ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନିମାପଡ଼ା ବ୍ଲକ ଅନ୍ତର୍ଗତ ଶଗଡା ପଞ୍ଚାୟତରୁ ଏକ ସଚେତନତା ପଦଯାତ୍ରା ବାହାରି ଆଙ୍କୁଶପୁର, କାନପୁରୁ, ଘୋଡାଶାଳିଆ, କାଜିପାଟଣା, ପୋରକଣା, ଅଲଣ୍ଡା, ଜାଗିରି, କୁମ୍ଭାରପଡ଼ା କଷୋଟି, ଧନୁଆଁ ଆଦି ପ୍ରାୟ ୨୦ଟି ଗ୍ରାମ ପରିକ୍ରମା କରିଥିଲା। ନଦୀ ବଞ୍ଚାଅ, ନଦୀ ସୁରକ୍ଷା ଦିଗରେ ପଦଯାତ୍ରୀ ବିଭିନ୍ନ ଧ୍ୱନି ଦେଇଥିଲେ। ଏହା ସହ ବିଭିନ୍ନ ଛକରେ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଧନୁଆଁ ଗଙ୍ଗୁଆ ଛକଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିଥିଭାବେ ଓପନ ଲର୍ନିଙ୍ଗ ସିଷ୍ଟମର କାର୍ଯ୍ୟକ୍ରମ ସଂଯୋଜକ ପ୍ରକାଶ ରଥ, ଆନ୍ତର୍ଜାତିକ ବୁଡ଼ାଳି ସବିର ବକ୍ସ, ଅର୍ପିତା ମହାପାତ୍ର, ମହାନଦୀ ବଞ୍ଚାଅ ଆନ୍ଦୋଳନର ସଂଯୋଜକ ନୀରଦ୍‌ବରଣ ଖୁଣ୍ଟିଆ, ଆବାହକ ସୁଦର୍ଶନ ଦାସ, ପ୍ରବକ୍ତା ବିଜୟ ପ୍ରଧାନ, କୃଷ୍ଣଚନ୍ଦ୍ର ନାୟକ, ବିଦ୍ୟାଧର ଜେନା ପ୍ରମୁଖ ଯୋଗଦେଇ ଏହି ୩ନଦୀର ସୁରକ୍ଷା, ନଦୀଗୁଡ଼ିକ ଚିରସ୍ରୋତା ହୋଇ ରହିବା, ପ୍ରଦୂଷଣ ମୁକ୍ତ କରାଯିବା ଓ ଜଳ ସଂରକ୍ଷଣ ଉପରେ ଆଲୋକପାତ କରିଥିଲେ। ସମସ୍ତ ଜନସାଧାରଣ ନଦୀ ସୁରକ୍ଷା ଅଭିଯାନ ଓ ଆନ୍ଦୋଳନରେ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ। ନଦୀ ସୁରକ୍ଷା ଅଭିଯାନର ପଦଯାତ୍ରୀ ଦଳଙ୍କୁ ବିଭିନ୍ନ ଛକ ଓ ଗ୍ରାମରେ ଶତାଧିକ ଲୋକ ସମ୍ବର୍ଦ୍ଧନା ଜଣାଇଥିଲେ। ପ୍ରାୟ ୧୫କି.ମି. ଏହି ଜନସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଥିଲା।


ନଦୀ ସୁରକ୍ଷା ପାଇଁ ବାହାରିଥିବା ସଚେତନତା ପଦଯାତ୍ରା।

## ଜିଲାପାଳଙ୍କ କାର୍ଯ୍ୟାଳୟ ସ୍ଥାନାନ୍ତରଣ ପ୍ରସଙ୍ଗ

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର, ଆନ୍ଦୋଳନ ଧମକ

**ପୁରୀ ଅଫିସ, ୨୮।୮**


ପୁରୀ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆଇନ୍‌ଜୀବୀମାନେ ଘେରାଉ କରିଛନ୍ତି।

ଜିଲାପାଳଙ୍କ କାର୍ଯ୍ୟାଳୟ ସ୍ଥାନ୍ତାନ୍ତରଣ ପ୍ରସଙ୍ଗକୁ ନେଇ ପୁରୀ ଓକିଲ ସଂଘ ପକ୍ଷରୁ ଆନ୍ଦୋଳନ ତେଜିବାରେ ଲାଗିଛି। ଏହାର ପ୍ରତିବାଦରେ ସଂଘ ପକ୍ଷରୁ ଦୁଇ ଦିନ କୋର୍ଟ କାର୍ଯ୍ୟ ବନ୍ଦ ରହିଥିଲା। ବୁଧବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ସ୍ମାରକ ପତ୍ର ପ୍ରଦାନ କରାଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟକୁ ସିପସରୁବାଲି ମୌଜାକୁ ସ୍ଥାନାନ୍ତରଣ ନେଇ ରାଜ୍ୟ ସରକାରଙ୍କ ନିଷ୍ପତ୍ତିକୁ ତୀବ୍ର ବିରୋଧ କରିଛନ୍ତି। ସରକାର ନିଜ ନିଷ୍ପତ୍ତିର ତର୍ଜମା କରନ୍ତୁ। ଏଠାରେ କାର୍ଯ୍ୟାଳୟକୁ ସ୍ଥାନାନ୍ତରଣ କରାଗଲେ, ଓକିଲ ସଂଘ ପକ୍ଷରୁ ତୀବ୍ର ବିରୋଧ କରାଯିବ। ଆବଶ୍ୟକ ପଡିଲେ ସଂଘ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ ହେବ ବୋଲି ବାର କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ବାର ସଭାପତି ପ୍ରଶାନ୍ତ କୁମାର ମିଶ୍ର କହିଛନ୍ତି। ସେ କହିଲେ ଯେ, ସିପସରୁବାଲି ଜମିଜମାକୁ ନେଇ ବିବାଦ ଲାଗି ରହିଛି। ଏକ ବିବାଦୀୟ ଜମିରେ ସରକାର କିପରି ଜିଲାପାଳଙ୍କ କାର୍ଯ୍ୟାଳୟକୁ ସ୍ଥାନାନ୍ତରଣ ଲାଗି ନିଷ୍ପତ୍ତି ନେଇଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ବର୍ତ୍ତମାନ କାର୍ଯ୍ୟ କରୁଥିବା କାର୍ଯ୍ୟାଳୟ ନିକଟରେ ବହୁ ସରକାରୀ ଜାଗା ରହିଛି। ଏହାକୁ ବ୍ୟବହାର କରାଯାଇପାରିବ। ସରକାର ଏଥିପ୍ରତି ଗୁରୁତ୍ୱ ଦେବା ଉଚିତ। ଅନ୍ୟପଟେ ସହରଠାରୁ ଦୂରରେ କାର୍ଯ୍ୟାଳୟ ରହିଲେ, ସାଧାରଣ ଜନତା ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବେ। ସାମୂହିକ ସ୍ୱାର୍ଥ ଦୃଷ୍ଟିରୁ ସରକାର ଏହାର ପୁନଃ ବିଚାର କରନ୍ତୁ ବୋଲି ସେ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଓକିଲ ପୁଷ୍କର ମହାପାତ୍ର, ବାର ସମ୍ପାଦକ ବିଭୂତି ଶଙ୍କର ତ୍ରିପାଠୀ, ଉପସଭାପତି ଦେବେନ୍ଦ୍ରନାଥ ମିଶ୍ର, ଯୁଗ୍ମ ସମ୍ପାଦକ ସଂଗ୍ରାମ କେଶରୀ ଦାଶ, ନରେଶ ମହାନ୍ତି, ସଦସ୍ୟ ଅଶୋକ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।